# ଦାନଗଡି ତହସିଲରେ ପୁଣି ମୋରମ ମାଫିଆ ସକ୍ରିୟ

**ଦାନଗଦି, ୩।୩(ସମିସ)**



ଦାନଗଦି ତହସିଲ ଅଞ୍ଚଳରେ ପୁଣି ସକ୍ରିୟ ହୋଇ ଉଠିଛନ୍ତି ମୋରମ ମାଫିଆ। କିଛି ଦିନର ନିରବତା ପରେ ମୋରମ ଓ ମାଟିମାଫିଆ ଏବେ ଯଖପୁରା, ମାନତିରା, ପଙ୍କପାଳ, ନଛିପୁରା, ଚିତ୍ରୀ, ଉଛବାଲି ଓ ଜନିନ୍ଦାପାଳ ଅଞ୍ଚଳରୁ ଏବେ ବ୍ୟାପକ ମୋରମ ଚୋରାରେ ବାହାରକୁ ଚାଲାଣ କରୁଥିବା ଅଭିଯୋଗ ହେଉଛି।

ଲଘୁ ଖଣିଜ ପରିବହନ ପାଇଁ ଅନୁମତି ଦେବା, ଲଘୁ ଖଣିଜ ଲୁଟେରାଙ୍କ ବିରୋଧରେ ଜରିମାନା ଆଦାୟ ଓ କାର୍ଯ୍ୟାନୁଷ୍ଠାନ ନେବାର କ୍ଷମତା ଖଣି ବିଭାଗ ହାତରେ ରହିଛି। ଅପରପକ୍ଷରେ ଲଘୁ ଖଣିଜ ଚୋରି ଧରିବା ପାଇଁ ତହସିଲଦାର ଓ ପୁଲିସର ମଧ୍ୟ କ୍ଷମତା ରହିଛି। ଏଭଳି ସ୍ଥିତିରେ ଖଣି ବିଭାଗ ହାତରେ ଲଘୁ ଖଣିଜ ଚୋରି ରୋକିବା କ୍ଷମତା ଥିବା ଦାବି ଦେଇ ସ୍ଥାନୀୟ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ନିରବଦ୍ରଷ୍ଟା ସାଜୁଛନ୍ତି। ଖଣି ବିଭାଗରେ ଆବଶ୍ୟକ କର୍ମଚାରୀ ନ ଥିବାରୁ ଚୋରିକୁ ଲଗାମ ଦେବାକୁ ଅସୁବିଧା ହେଉଥିବା ଅଧିକାରୀ କହୁଛନ୍ତି। ଯାହାକୁ ନେଇ ଏବେ ଦାନଗଦି ତହସିଲ ଅଞ୍ଚଳରେ ମୋରମ ଓ ମାଟିମାଫିଆଙ୍କ ସଂଖ୍ୟା କମିବା ବଦଳରେ ବଢୁଛି। ଏଭଳି ସ୍ଥିତିରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଲଘୁ ଖଣିଜ ଚୋରି ରୋକିବା ପରିବର୍ତ୍ତେ ମାଫିଆଙ୍କଠାରୁ ମୋଟାଙ୍କର ବଟି ନେଇ ମାଲାମାଲ ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଦାନଗଦି ତହସିଲ ଅଧୀନରେ ମୋରମ ଖାଦାନ ନ ଥିଲେ ମଧ୍ୟ ଯେଉଁଠି ଦେଖିବ ସେଠି ଗଦା ଗଦା ମୋରମ। ଯାହାକି ଦାନଗଦି ତହସିଲ ଅଧୀନସ୍ଥ ଯଖପୁରା-ସୁକିନ୍ଦା ଦ୍ୱିତୀୟ ରେଳଧାରଣା ଦୋହରିକରଣ ନିର୍ମାଣରେ ପ୍ରଚୁର ମାଟି-ମୋରମ ବ୍ୟବହାର ହେଉଛି। ମୋରମ-ମାଟି ବ୍ୟବହାର ପାଇଁ ଖଣି ବିଭାଗରୁ କାହାରିକୁ ଅନୁମତି ନିଆଯାଇ ନ ଥିବା ବିଭାଗୀୟ ଅଧିକାରୀ କହୁଛନ୍ତି।

ତେବେ ଅନୁମତି ନ ଥାଇ ଏହି ମୋରମ କେଉଁଠୁ ଆସୁଛି, ତାହା ଘଟଣାକୁ ଅଧିକ ରହସ୍ୟମୟ କରିଛି। ଏ ନେଇ ପ୍ରଶାସନ ବିପୁଳ ରାଜସ୍ୱ ହାନୀ କରୁଛି। ରେଳଲାଇନ ଦୋହରୀକରଣରେ ଚୋରାମାଟି ଓ ମୋରମ ବ୍ୟବହାର ହେଉଥିବା ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ରେଳ ଦୋହରୀକରଣ ନେଇଥିବା ସମ୍ପୃକ୍ତ ଠିକା ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। କାରଣ ସମ୍ପୃକ୍ତ ଠିକାସଂସ୍ଥା ସ୍ଥାନୀୟ ମୋରମ ମାଫିଆଙ୍କୁ ହାତବାରିସି କରି ଏଭଳି ଲୁଟ ଚଳାଇଛନ୍ତି। ଦାନଗଦି ତହସିଲ ଅଧୀନରେ ମାନତିରା, ଦାନଗଦି ଓ ଗୋବର୍ଦ୍ଧନପୁର ରାଜସ୍ୱ ସର୍କଲ ରହିଛି। ଉକ୍ତ ରାଜସ୍ୱ ସର୍କଲରେ ମୋରମ ଅନୁମୋଦିତ ଖାଦାନ ନାହିଁ। ଏହି ଲୁଟରେ ସ୍ଥାନୀୟ ପ୍ରଶାସନ ମୋରମ ମାଫିଆଙ୍କ ସୁରକ୍ଷା କବଚ ସାଜିଛି। ପ୍ରଶାସନ ସମ୍ପୃକ୍ତ ଠିକାସଂସ୍ଥା ଓ ମାଫିଆଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ନା ମୋଟାଅଙ୍କର ବଟି ନେଇ ଚୁପ ବସିବ, ତାହା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ନିର୍ଭର କରୁଛି। ଏ ସମ୍ପର୍କରେ ଖଣି ବିଭାଗ ଅଧିକାରୀଙ୍କୁ ପଚାରିବାରୁ କାହାରିକୁ ମାଟି ଓ ମୋରମ ଉଠାଣ ପାଇଁ ଅନୁମତି ଦିଆଯାଇନି। ରେଳ ଦୋହରୀକରଣରେ ମୋରମ ଓ ମାଟି ବ୍ୟବହାର କରୁଥିବା ସମ୍ପୃକ୍ତ ଠିକାସଂସ୍ଥା ଉପରେ ଖୁବ ଶୀଘ୍ର ଆଇନଗତ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି କହିଛନ୍ତି।

## ବନ ବିଭାଗ ପକ୍ଷରୁ ଚୋରାକାଠ ଜବତ



**ବରୀ, ୩।୩(ସମିସ):** ଯାଜପୁର ଜିଲ୍ଲାର କାଠ ବ୍ୟବସାୟର ପେଣ୍ଠ ସ୍ଥଳ ଭାବେ ବରୀର ସ୍ୱତନ୍ତ୍ର ପରିଚୟ ରହିଛି। ଏଠାକୁ ପ୍ରତ୍ୟେକ ଦିନ ହଜାର ହଜାର ଲୋକେ ବ୍ୟବସାୟ କରିବାକୁ ଆସୁଥିବାବେଳେ ଏହାର ସୁଯୋଗ ନେଇ ଖୁଲମଖୁଲା ଭାବେ ଚୋରା କାଠ ବ୍ୟବସାୟୀ ଜିଲ୍ଲା ବାହାରୁ ବେଆଇନ ଭାବେ ଶାଳ, ପିଆଶାଳ, ଶାଗୁଆନ, ଶିଶୁ ଓ ପଣସ ଭଳି ମୂଲ୍ୟବାନ କାଠକୁ ଆଣି ବରୀ ଅଞ୍ଚଳରେ ବିକ୍ରୟ କରୁଛନ୍ତି। ଏହି ଉପାୟରେ ବରୀରେ ଚୋରା କାଠ ବ୍ୟବସାୟୀ ମାଲେମାଲ ହେଉଥିବା ଖବର ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ବନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବିଶେଷ ସୂତ୍ରରୁ ଖବର ପାଇ ଆଜି ବରୀ ବ୍ଲକର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବେ ପରିଚିତ ବରୀ ମାଉଣ୍ଡସ୍ଥ କପିଳ ବେହେରାଙ୍କ ଘରୁ ବେଆଇନ କାଠ ବନ ବିଭାଗ ପକ୍ଷରୁ ଜବତ କରାଯାଇଥିବା ଜଣାପଡ଼ିଛି। ରବିବାର ମଧ୍ୟାହ୍ନରେ ବନ ବିଭାଗ ବିଞ୍ଝାରପୁର ଉପଖଣ୍ଡର ରେଞ୍ଜର ପ୍ରୀତିରଞ୍ଜନ ମହାପାତ୍ର ଓ ଫରେଷ୍ଟର ଅନୁପମା ସାହୁ ସଦଳବଳେ ବରୀ ମାଉଣ୍ଡରେ ପହଞ୍ଚି ଶ୍ରୀ ବେହେରାଙ୍କ ଘରୁ ୨୫ ସିପ୍ଟରୁ ଊର୍ଦ୍ଧ୍ୱ ଶାଳ ଓ ଆକାଶି କାଠ ଜବତ କରିଥିବ ଜଣାପଡ଼ିଛି।

## ଧର୍ମପରାୟଣା ମହିଳାଙ୍କ ପରଲୋକ

**ପାଣିକୋଇଲି, ୩।୩(ସମିସ):** ଲିଙ୍ଗେଶ୍ୱର ଉନ୍ନୟନ କମିଟି ତଥା ମୂଳାପାଳ ଲିଙ୍ଗେଶ୍ୱର ଶିଶୁ ମନ୍ଦିରର ପ୍ରତିଷ୍ଠାତା ସଦସ୍ୟ ଓ ପ୍ରମୁଖ କର୍ମକର୍ତ୍ତା ଦାମୋଦର ଧଳଙ୍କ ପତ୍ନୀ ନଳିନୀପ୍ରଭା ଧଳଙ୍କ (୭୫) ବିୟୋଗରେ ଲିଙ୍ଗେଶ୍ୱର ଉନ୍ନୟନ କମିଟି ତଥା ଶିଶୁ ମନ୍ଦିର କମିଟି ଓ ଗୁରୁଜନ/ଗୁରୁମାଙ୍କ ପକ୍ଷରୁ ଗଭିର ଶ୍ରଦ୍ଧାଞ୍ଜଳି ସହ ଶୋକ ପ୍ରକାଶ କରାଯାଇଛି। ନଳିନୀପ୍ରଭା ଯାଜପୁର ବ୍ଲକ ମାଳଆନନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ବ୍ରଜନଗର ଗ୍ରାମରେ ଜଣେ ଧର୍ମପରାୟଣା ମହିଳା ଭାବେ ବେଶ ପରିଚିତ ଥିଲେ। ସେ କିଛିଦିନ ହେବ ବ୍ରେନ ଟ୍ୟୁମର ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱର ଏମସରେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ମାତ୍ରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ବୈତରଣୀ ନଦୀକୂଳ ମୂଳାପାଳ ଶଶ୍ମାନରେ ଶେଷକୃତ ସମ୍ପନ୍ନ କରାଯାଇଥିବାବେଳେ ସାନପୁଅ ବିକ୍ରମ ମୁଖାଗ୍ନି ଦେଇଥିଲେ।

## ବରେଇ ଗାଁରେ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଗଣ୍ଡଗୋଳ

ଶଙ୍ଖଚିଲା, ୩।୩(ସମିସ): ପାଣିକୋଇଲି ଥାନା ତଥା ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ତଣ୍ଡରା ପଞ୍ଚାୟତ ବରେଇ ଗ୍ରାମରେ ଜମିବାଡ଼ି ସୀମା ନିର୍ଦ୍ଧାରଣକୁ ନେଇ ଦୁଇ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ଓ ମାର୍‌ପିଟ ଘଟି ଉଭୟ ପକ୍ଷ ଥାନାରେ ଅଭିଯୋଗ ଦାଖଲ କରିଛନ୍ତି।

ସୂଚନା ମୁତାବକ, ଉକ୍ତ ଗ୍ରାମର ଅକ୍ଷୟ ନାୟକଙ୍କ ସହିତ ଆତୁଲ ସାମଲ ଓ ଶ୍ରୀଧର ପରିଡ଼ାଙ୍କ ଚାଷ ଜମି ସୀମା ନିର୍ଦ୍ଧାରଣ ନେଇ ପୂର୍ବରୁ ବିବାଦ ରହିଥିଲା। ଏ ନେଇ ଉଭୟ ପକ୍ଷ ପୂର୍ବରୁ ମଧ୍ୟ ଶଙ୍ଖଚିଲା ଫାଣ୍ଡିର ଦ୍ୱାରସ୍ଥ ହୋଇଥିଲେ। ପରେ ଫାଣ୍ଡି ଅଧିକାରୀଙ୍କ ମଧ୍ୟସ୍ଥତାରେ ଉଭୟ ପକ୍ଷଙ୍କ ଭଦ୍ରଲୋକଙ୍କ ଉପସ୍ଥିତିରେ ବିବାଦୀୟ ସ୍ଥାନକୁ ନ ଯିବା ଲାଗି ବାରଣ କରାଯିବା ସହିତ ଉଭୟ ପକ୍ଷ କୋର୍ଟର ଦ୍ୱାରସ୍ଥ ହେବା ଲାଗି ନିଷ୍ପତ୍ତି ହୋଇଥିଲା। ମାତ୍ର ଆତୁଲ ସାମଲ ଓ ଶ୍ରଧର ପରିଡ଼ାଙ୍କ ପରିବାର ଲୋକମାନେ ଉକ୍ତ ନିଷ୍ପତ୍ତିକୁ ନ ମାନି ଉକ୍ତ ବିବାଦୀୟ ସ୍ଥାନକୁ ବାଦାମ ଉପାଡ଼ିବା ଲାଗି ଯାଇଥିବାବେଳେ ଅକ୍ଷୟ ନାୟକଙ୍କ ପରିବାର ଲୋକେ ଏହାକୁ ବିରୋଧ କରିଥିଲେ। ଫଳରେ ତାହା ଗଣ୍ଡଗୋଳ ଓ ମାରପିଟର ରୂପ ନେଇଥିଲା। ଏହାକୁ ନେଇ ଅକ୍ଷୟ ନାୟକଙ୍କ ପତ୍ନୀ ସାବିତ୍ରୀ ଶ୍ରୀଧର ପରିଡ଼ା ଓ ଆତୁଲ ସାମଲଙ୍କ ପରିବାରଙ୍କ ନାମରେ ଅଭିଯୋଗ କରିଥିବାବେଳେ ଅପରପକ୍ଷ ଆତୁଲ ସାମଲ ଓ ଶ୍ରୀଧର ପରିଡ଼ାଙ୍କ ପରିବାର ମଧ୍ୟ ଅକ୍ଷୟଙ୍କ ବିରୁଦ୍ଧରେ ଅଭିଯୋଗ କରିଛନ୍ତି। ପୁଲିସ ଉଭୟ ପକ୍ଷଙ୍କ ଅଭିଯୋଗକୁ ଗ୍ରହଣ କରି ତଦନ୍ତ ଚାଲୁ ରଖିଛି।

## ଦଶରଥପୁରରେ ସତ୍‌ସଙ୍ଗ ମହୋତ୍ସବ



**ଦଶରଥପୁର, ୩।୩(ସମିସ):** ଦଶରଥପୁର ସତସଙ୍ଗ କେନ୍ଦ୍ର ଆନୁକୂଲ୍ୟରେ ଯୁଗ ପୁରୁଷୋତ୍ତମ ପରମ ପ୍ରେମମୟ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ପୁଣ୍ୟ ୧୩୬ତମ ଜନ୍ମୋତ୍ସବ ଉପଲକ୍ଷେ ଏକ ବିଶେଷ ସତସଙ୍ଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସତସଙ୍ଗ ସଭାରେ ବରିଷ୍ଠ ସହ-ପ୍ରତିଋତ୍ୱିକ୍ ନାରାୟଣ ଚନ୍ଦ୍ର ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବଟକୃଷ୍ଣ ବେହେରା ଅଧ୍ୟକ୍ଷତା କରିଥିଲେ। ଇନ୍ଦୁମୌଳୀ ପଟ୍ଟନାୟକ 'ସତ୍ୟାନୁସରଣ' ଓ ବାଙ୍ମୟୀ ପତି 'ନାରୀର ନୀତି' ଗ୍ରନ୍ଥ ପାଠ କରିଥିଲେ। ଗୌରାଙ୍ଗ ଭାଇ, ଚିତ୍ତ ଭାଇ ଓ କାଶୀନାଥ ଦାସ ଭଜନ ପରିବେଷଣ କରିଥିବାବେଳେ ଉମାକାନ୍ତ ତରାଇ ସୁଲଳିତ କଣ୍ଠରେ କୀର୍ତ୍ତନ ଗାନ କରି ସମଗ୍ର ପରିବେଶକୁ ଭକ୍ତିକ ପବିତ୍ରତାରେ ମୁଖରିତ କରିଥିଲେ। ଅଧ୍ୟାପକ ବଳରାମ ପଣ୍ଡା ପ୍ରାରମ୍ଭିକ ସୂଚନା ଦେବା ପରେ ପୀତାମ୍ବର ପତି ଶ୍ରୀଶ୍ରୀ ଠାକୁରଙ୍କ ଭାବାଦର୍ଶ ଓ ରସପୂର୍ଣ୍ଣ ଅମୂଲ୍ୟ ସାହିତ୍ୟ ସମ୍ପର୍କରେ ସଦୃଷ୍ଟାନ୍ତ ଆଲୋଚନା କରି ଦୀକ୍ଷା ପତ୍ର ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାଧ୍ୟାପକ ଡକ୍ଟର ବୈରାଗୀ ଚରଣ ଦ୍ୱିବେଦୀ ସ୍ୱକୀୟ ପ୍ରଜ୍ଞାଦୀପ୍ତ ବକ୍ତବ୍ୟ ମାଧ୍ୟମରେ ସତ୍‌ନାମର ମହାଶକ୍ତି କିପରି ମଣିଷକୁ ମହାବିପଦରୁ ରକ୍ଷା କରି ମୃତ୍ୟୁ ସଞ୍ଜୀବନୀ ସାଜି ମଣିଷ ଜୀବନକୁ ଜୀବନ୍ମୟ କରି ତୋଳେ, ତା'ର ପାପ ତାପକୁ ହରଣ କରେ, ଠିକ୍ ଠିକ୍ ଇଷ୍ଟଭୃତି କରୁଥିବା ମଣିଷ କିପରି କେତେବେଳେ ମଧ୍ୟ ଉପାସ ରହେନି ସେକଥା ନିଜ ଅଙ୍ଗ ନିଭା ଅନୁଭୂତି ମାଧ୍ୟମରେ ସୁନ୍ଦର ଭାବେ ବର୍ଣ୍ଣନା କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଶେଷରେ ଜୀବନ ବ୍ୟାପୀ ସତ୍ୟନିଷ୍ଠ ଆଧ୍ୟାତ୍ମିକ ସାଧନା ନିମନ୍ତେ ବରିଷ୍ଠ ସହପ୍ରତିଋତ୍ୱିକ ନାରାୟଣ ଚନ୍ଦ୍ର ପଟ୍ଟନାୟକ ଓ ସନାତନ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସତସଙ୍ଗ ପରିଚାଳକ ଦଶରଥପୁର ସତସଙ୍ଗ କେନ୍ଦ୍ରର ଅନ୍ୟତମ ପ୍ରତିଷ୍ଠାତା ସ୍ୱର୍ଗତ ନାରାୟଣ ଚନ୍ଦ୍ର ସାମନ୍ତରାୟଙ୍କ ସ୍ମୃତିଚାରଣ କରି ତାଙ୍କ ନିଷ୍ଠାଯୁକ୍ତ ଇଷ୍ଟ ପ୍ରାଣତା ତଥା ତ୍ୟାଗପୁତ ବଳିଷ୍ଠ ବ୍ୟକ୍ତିତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ।

## ପତରାଜପୁରରେ ଭତ୍ତା ବଣ୍ଟନ

**ବାଲିଚନ୍ଦ୍ରପୁର, ୩।୩(ସମିସ)**




ବଡ଼ଚଣା ବ୍ଲକ ଅନ୍ତର୍ଗତ ପତରାଜପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଭତ୍ତା ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ତନୁଶ୍ରୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଭତ୍ତା ବଣ୍ଟନ ଉତ୍ସବରେ ବଡ଼ଚଣା ବ୍ଲକ ଅଧ୍ୟକ୍ଷା ମିନତୀ ସେନାପତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ୧୯ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଆମ୍ବ ଅଧ୍ୟକ୍ଷ ବିପିନ ବିହାରୀ ଜେନା, ନଳୀପୁର ସରପଞ୍ଚ ଅବଦୁଲ ଗନି, ବାଲିଚନ୍ଦ୍ରପୁର ସମିତି ସଭ୍ୟା ବନ୍ଦିତା ମହାରଣା, ପୂର୍ବତନ ସରପଞ୍ଚ ଫନିନ୍ଦ୍ରନାଥ ପଣ୍ଡା, ମନ୍ମଥ କେଶରୀ ସାହେବରାୟ, ମନୋରଞ୍ଜନ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ଉତ୍ସବରେ ନଳୀପୁର ପଞ୍ଚାୟତର ୧୨୬ ଜଣ, ପତରାଜପୁର ପଞ୍ଚାୟତର ୪୧ ଜଣ ଓ ବାଲିଚନ୍ଦ୍ରପୁର ପଞ୍ଚାୟତର ୧୦୬ ଜଣଙ୍କୁ ଅତିଥିମାନେ ଭତ୍ତା ବଣ୍ଟନ କରିବା ସହ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ଓ ବଡ଼ଚଣାର ବିକାଶ ସମ୍ପର୍କିତ ନିଜସ୍ୱ ମତ ରଖିଥିଲେ। ଏହି ଉତ୍ସବରେ ପ୍ରତାପ ଚନ୍ଦ୍ର ନାୟକ, ଅନନ୍ତ ସିଂହ, ରଶ୍ମିରଞ୍ଜନ ବଳ, ଅମୀୟ ବିଶ୍ୱାଳ, ପ୍ରତାପ ସେନାପତି, ଅନ୍ତର୍ଯ୍ୟାମୀ ନାୟକ, ହିମାଂଶୁ ଦାସ, ସେକ୍ ଜୁମା, ସେକ୍ ଜିୱାଲା, ଅନୀଲ ସେଠୀ, ନିୟାଜୁଦ୍ଦିନ୍ ଖାଁ, ସେକ୍ ସରାଫତ, କାଙ୍ଗାଳୀ ବେହେରା, ଭରତ ପରମାଣିକ, ସରୋଜ ମଳିକ, ରଞ୍ଜନ ମହାରଣା, ଉମେଶ ମଳିକ ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ।

## ଜେଏନ୍ ଟାଟାଙ୍କ ଜୟନ୍ତୀରେ ସ୍କୁଲ ପିଲାଙ୍କୁ ପାଠ୍ୟ ଉପକରଣ ପ୍ରଦାନ

**କାଳିଆପାଣି, ୩।୩(ସମିସ)**

ଟାଟା ଷ୍ଟିଲ ପକ୍ଷରୁ କମ୍ପାନୀର ପ୍ରତିଷ୍ଠାତା ଜେଏନ୍ ଟାଟାଙ୍କ ୧୮୫ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏ ଅବସରରେ ଟାଟା ଷ୍ଟିଲ ପକ୍ଷରୁ ଏହାର ଟାଟାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ସୁକିନ୍ଦା କ୍ରୋମାଇଟ୍ ଖଣି ପକ୍ଷରୁ ସ୍ଥାନୀୟ ଘାଗିଆ ସାହିସ୍ଥ ସ୍ୱାମୀ ଚିଦାନନ୍ଦ ସାଂସ୍କୃତିକ କେନ୍ଦ୍ରରେ ଏକ 'କର୍ମଚାରୀ ସ୍ୱେଚ୍ଛାସେବିତା' କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପାଇଁ ମଧ୍ୟାହ୍ନଭୋଜନ ଆୟୋଜନ କରି ସେମାନେ ପିଲାଙ୍କ ସାଙ୍ଗରେ ମିଶି ଖାଦ୍ୟ ଖାଇଥିଲେ। ଏପରି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀଙ୍କ ମନୋବଳ ବୃଦ୍ଧି ହେବା ସହ ସେମାନେ ଆଗକୁ ବଢ଼ିବାର ପ୍ରେରଣା ପାଇବେ ବୋଲି ପ୍ରକାଶ କରିଛନ୍ତି



ସୁକିନ୍ଦା କ୍ରୋମାଇଟ୍ ଖଣି, ସାରୁଆବିଲ କ୍ରୋମାଇଟ୍ ଖଣି ଓ କମର୍ଦ୍ଦା କ୍ରୋମାଇଟ୍ ଖଣି ପରିସରରେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାବେଳେ, କର୍ମଚାରୀମାନେ ଏକାଠି ହୋଇ ଜେଏନ୍ ଏହି ଉପକ୍ରମ ଅଧୀନରେ କର୍ମଚାରୀମାନେ ସେମାନଙ୍କ ପରିବାର ସହ ମିଶି କେନ୍ଦ୍ରର ପିଲାମାନଙ୍କ ସହ ମୂଲ୍ୟବାନ ସମୟ ବିତାଇ ସେମାନଙ୍କୁ ସ୍କୁଲ୍ ବ୍ୟାଗ୍, ପାଠ୍ୟ ଓ ଚିତ୍ରାଙ୍କନ ଉପକରଣ ପ୍ରଦାନ କରିଥଲେ। ପିଲାମାନଙ୍କ ଅଞ୍ଚଳବାସୀ। ଜୟନ୍ତୀ ଅବସରରେ ସୁକିନ୍ଦା କ୍ରୋମାଇଟ୍ ଖଣି ପରିସରର ସ୍ଥାନୀୟ ଗୋଷ୍ଠୀ ସମ୍ପ୍ରଦାୟଙ୍କୁ ନେଇ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା।

## କଂଗ୍ରେସର ସାଂଗଠନିକ ବୈଠକ



**ଦାନଗଦି, ୩।୩(ସମିସ):** ଆଜି ରାଣୀପଡ଼ା ପଞ୍ଚାୟତରେ ବ୍ଲକ କଂଗ୍ରେସର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପଞ୍ଚାୟତ ସଭାପତି ଅଭିନ ପେରେଇ ସଭାପତିତ୍ୱ କରିଥିବାବେଳେ ଯୁବ ସଭାପତି ଅନୀଲ ଯେନାଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ରହି ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ବରିଷ୍ଠ କଂଗ୍ରେସ ନେତା ମହେନ୍ଦ୍ର ଦାଶ, ବ୍ଲକ ଉପସଭାପତି ଦୟାନିଧି ପଲେଇ, ସାଧାରଣ ସମ୍ପାଦକ ଉମାକାନ୍ତ ଜେନାମଣି ଓ ପଞ୍ଚାୟତର ବରିଷ୍ଠ, ମହିଳା ଓ ଯୁବ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## କପିଳେଶ୍ୱର ମନ୍ଦିରର ନୂତନ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ

**ମଙ୍ଗଳପୁର, ୩।୩(ସମିସ):** ଦଶରଥପୁର ବ୍ଲକ ଡାହାଣହତା ପଞ୍ଚାୟତସ୍ଥ ଛଚିଣା ଛକ ନିକଟସ୍ଥ ବାବା କପିଳେଶ୍ୱର ମନ୍ଦିରର ପଞ୍ଚମ ବାର୍ଷିକ ଯଜ୍ଞ ଉତ୍ସବ ବୁଧବାରଠାରୁ ଆରମ୍ଭ ହୋଇଥିବାବେଳେ ଆଜି ସନ୍ଧ୍ୟାରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି। ବୁଧବାର ଅଙ୍କୁରାର୍ପଣ, ଗୁରୁବାର ଅଧିବାସ ଓ ଶୁକ୍ରବାର କଳସ ଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ ଆଜି ପୂର୍ଣ୍ଣାହୁତି ହେବା ସହ ଯଜ୍ଞୋତ୍ସବ ଶେଷ ହୋଇଯାଇଛି। ଛଚିଣା ଗ୍ରାମର ଗୁରୁଚରଣ ମହାପାତ୍ର ଓ ତାଙ୍କ ଧର୍ମପତ୍ନୀ ସୁପ୍ରଭା ମହାପାତ୍ର ସଂକଳ୍ପ କରିଥିବାବେଳେ ଦ୍ୱାରିକାନାଥ ତ୍ରିପାଠୀ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ପୂଜକ ଭାବଗ୍ରାହୀ ପଣ୍ଡା, ସନ୍ତୋଷ କୁମାର ପତି, ପ୍ରଶାନ୍ତ ପାଣିଗ୍ରାହୀ, ବାବୁଲି ପଣ୍ଡା ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ଏ ପରିପ୍ରେକ୍ଷୀରେ ମନ୍ଦିର ପରିସରରେ ନୂତନ ଭାବେ ନିର୍ମାଣ ହୋଇଥିବା କପିଳେଶ୍ୱର କମ୍ୟୁନିଟ ସେଣ୍ଟର ଗୃହର ଉଦଘାଟନ କରାଯାଇଥିଲା। ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ପ୍ରତିନିଧି କର୍ଣ୍ଣୋଟ କେଶରୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୃହକୁ ଫିତାକାଟି ଉଦଘାଟନ କରିଥିଲେ। ଉଦଘାଟନୀ କାର୍ଯ୍ୟକ୍ରମରେ ଡାହାଣହତା ପଞ୍ଚାୟତର ସରପଞ୍ଚ ପଦ୍ମାବତୀ ବିଶ୍ୱାଳ, ସମିତିସଭ୍ୟା ସସ୍ମିତା ଜେନା, କନିକାପଡ଼ା ପଞ୍ଚାୟତର ସରପଞ୍ଚ ପ୍ରଦୀପ କୁମାର ଯେନା, ବ୍ଲକ ବିଜେଡି ସଭାପତି ଅଜୟ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

### ପ୍ରଦୂଷଣ ବିଭାଗର ନାହିଁ ନିଘା

## ବିନା ଅନୁମତିରେ ଚାଲିଛି ବ୍ଲିଚିଂ ପ୍ଲାଣ୍ଟ

**ଦାନଗଦି, ୩।୩(ସମିସ)**

କଳିଙ୍ଗନଗର ଶିଳ୍ପାଞ୍ଚଳ ମାନତିରା ଛକ ନିକଟରେ ଦୀର୍ଘଦିନ ଧରି ଆପେସ୍ଥ ନାମକ ଏକ ବ୍ଲାଚିଂ ପ୍ଲାଣ୍ଟ ଚାଲୁଛି। ତେବେ ଏହି କାରଖାନାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁମତି ଦେଇ ନ ଥିବା ଜଣାପଡ଼ିଛି। ଏହି ପ୍ଲାଣ୍ଟ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ପ୍ରଦୂଷଣ ହେଉଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଛି। କାରଖାନାକୁ ଆସୁଥିବା ବାଲି, ଗୋଡ଼ି ଓ ସିମେଣ୍ଟ ଗାଡ଼ି ରାସ୍ତାରେ ଧୂଳି ଉଡ଼ାଇ ପ୍ରଦୂଷଣ କରୁଛି। କାରଖାନା କର୍ତ୍ତୃପକ୍ଷ ରାସ୍ତାରେ ପାଣି ପକାଉନାହାନ୍ତି। ରାତିରେ କାରଖାନା କର୍ତ୍ତୃପକ୍ଷ କାରଖାନାକୁ ଚଳାଇ ପ୍ରଦୂଷଣ ବୃଦ୍ଧି କରୁଥିବାବେଳେ କେହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଏ ସମ୍ପର୍କରେ ଆଞ୍ଚଳିକ ପ୍ରଦୂଷଣ ଅଧିକାରୀ ପ୍ରମୋଦ ବେହେରାଙ୍କ ସହ ଯୋଗାଯୋଗ କରିବାରୁ ସେ ଅନୁମତି ନ ଥିବା ସ୍ୱୀକାର କରିଥିଲେ। ଆଗାମୀ ଦିନରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ଏହା ଉପରେ ଜିଲ୍ଲାପାଳ ଦୃଷ୍ଟି ଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।



## ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ବିଭିନ୍ନ ପ୍ରକଳ୍ପ ଘୋଷଣା କରିବାକୁ ଦାବି

**ଯାଜପୁର, ୩।୩ (ସମିସ):** ଆଗାମୀ ମାର୍ଚ୍ଚ ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚଣ୍ଡିଖୋଲ ଗସ୍ତ ସମୟରେ ଯାଜପୁର ରୋଡ଼-ଧାମରା ରେଳପଥ ନିର୍ମାଣ ହରିଦାସପୁର, କେନ୍ଦ୍ରପଡ଼ା, ପାରାଦୀପ ପର୍ଯ୍ୟନ୍ତ ପାସେଞ୍ଜର ଟ୍ରେନ୍ ଚାଲୁ କରିବା, ଧାନମଣ୍ଡଳଠାରେ ଇଣ୍ଡିଆନ ଅଏଲ୍ ପକ୍ଷରୁ ତୈଳ ବିଶୋଧନଗାର ସ୍ଥାପନ କରିବା, ଓଡ଼ିଶାର ୪୮୦ କି.ମି. ବ୍ୟାପ୍ତ ସମୁଦ୍ର ତଟ ଅଞ୍ଚଳରେ ହେନ୍ତାଳ ବଣ ସହ ଉଚ୍ଚବନ୍ଧ ଓ ରାସ୍ତା ନିର୍ମାଣ କରିବା ପ୍ରକଳ୍ପଗୁଡ଼ିକୁ ପ୍ରଧାନମନ୍ତ୍ରୀ ୫ ତାରିଖ ତାଙ୍କ ଗସ୍ତ ସମୟରେ ଘୋଷଣା କରିବା ପାଇଁ ବରିଷ୍ଠ କଂଗ୍ରେସ ନେତା ପୂର୍ବତନ କଂଗ୍ରେସ କାର୍ଯ୍ୟାକରିଣୀ ସଦ୍ୟ ଡ. ରାମଚନ୍ଦ୍ର ଖୁଣ୍ଟିଆ ଦୃଢ଼ ଦାବି କରିଛନ୍ତି। ଦୈତାରୀ-ପାରାଦୀପ ରାଜପଥ ରାସ୍ତାକୁ ୮ ଲେନ୍ ବିଶିଷ୍ଟ ରାଜପଥ ନିର୍ମାଣ କାର୍ଯ୍ୟ ଚାଲୁଛି। ଏହି ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଏହାକୁ ଶୁଭ ଦେବା, ନିର୍ମାଣ କାର୍ଯ୍ୟ ସରିନଥିବରୁ ଏହାକୁ ଲୋକର୍ପଣ କରିବା ସମୟ ଆସିନାହିଁ। ସେହିପରି ଯାଜପୁର ରୋଡ଼ ଫ୍ଲାଏଓଭର ନିର୍ମାଣ କାର୍ଯ୍ୟ ପାଇଁ ରାଜ୍ୟ ସରକାର ଟଙ୍କା ଦେବା ପରେ ନିର୍ମାଣ କରିବା ପାଇଁ ଟେଣ୍ଡର କରାଯାଇ ନ ଥିବାବେଳେ ଏହାକୁ ଲୋକାର୍ପଣ କରିବା ନିର୍ବାଚନ ପୂର୍ବରୁ ଏହା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ଯାଜପୁର-କେନ୍ଦୁଝର-ରାଉରକେଲା-ସୁନ୍ଦରଗଡ଼ ଅଞ୍ଚଳରୁ ହଜାର ହଜାର କୋଟି ଟଙ୍କାର ଖଣିଜ ପଦାର୍ଥ ବିଦେଶକୁ ପଠାଯାଉଛି। ଏଣୁ ଏ ସମସ୍ତ ଖଣିଜ ପଦାର୍ଥ ରପ୍ତାନୀ କରି ଯାଜପୁର-କେନ୍ଦୁଝର-ରାଉରକେଲା-ସୁନ୍ଦରଗଡ଼ ଅଞ୍ଚଳରେ ଏହି ଖଣିଜ ପଦାର୍ଥକୁ ବିନିଯୋଗ କରି ନୂତନ କାରଖାନା ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିବାକୁ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଡା. ଖୁଣ୍ଟିଆ ଦାବି କରିଛନ୍ତି।



## ବିଦ୍ୟୁତ୍ ସଂଯୋଗରେ ବାଧକ ସ୍ଥାୟୀ ପଟ୍ଟା

# କୋରେଇ ଗ୍ରାମ୍ୟ ନିର୍ମାଣ ବିଭାଜନ ଅଫିସ୍ ଓ ବାସଗୃହକୁ ନାହିଁ ସ୍ଥାୟୀ ବିଦ୍ୟୁତ୍ ସେବା

ବ୍ୟାସନଗର, ୩।୩(ସମିସ):



ରାଜ୍ୟରେ ମୋ ସରକାର କାର୍ଯ୍ୟକ୍ଷମ ରହିଥିବାବେଳେ କୌଣସି କାର୍ଯ୍ୟରେ ବିଭ୍ରାଟ କରିବାକୁ ସରକାରୀ କର୍ମଚାରୀ ଭୟ କରୁଥିବାବେଳେ ଖୋଦ୍ ସରକାରୀ କାର୍ଯ୍ୟାଳୟରେ ଆନୁସଙ୍ଗିକ ବ୍ୟବସ୍ଥା ମିଳିପାରୁନାହିଁ। ଯାହାର ଉଦାହରଣ ଯାଜପୁର ଜିଲ୍ଲା ଗ୍ରାମ୍ୟ ନିର୍ମାଣ ବିଭାଜନ-୧ ଅଧୀନସ୍ଥ କୋରେଇ ସବ୍-ଡିଭିଜନ ଅଫିସରେ ଦେଖିବାକୁ ମଳିଛି।

ଯାଜପୁର ଜିଲ୍ଲା କୋରେଇ ବ୍ଲକ ବ୍ୟାସନଗର ପୌରାଞ୍ଚଳର ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ପଛପାଖ ରାସ୍ତାରେ ଦୀର୍ଘ ବର୍ଷ ହେବ ଏହି କାର୍ଯ୍ୟାଳୟଟି ସ୍ଥାପିତ ହୋଇଛି। ତେବେ ଏହି କାର୍ଯ୍ୟାଳୟ ଅଧୀନରେ ଗୋଟିଏ ସେକ୍ସନ ଅଫିସ ସାଙ୍ଗକୁ କର୍ମଚାରୀଙ୍କ ନିମନ୍ତେ ପ୍ରାୟ ୧ କୋଟିରୁ ଉର୍ଦ୍ଧ୍ୱ ଅର୍ଥବ୍ୟୟରେ ବାସଗୃହ ନିର୍ମାଣ ହୋଇଥିଲା। ତେବେ କାର୍ଯ୍ୟାଳୟ ଓ ବାସଗୃହ ନିର୍ମାଣ ପରେ ଏହି ସ୍ଥାନକୁ ସ୍ଥାୟୀ ପଟ୍ଟା ନ ଥିବା ଆଳ କରି ବିଦ୍ୟୁତ ବିଭାଗ ସଂଯୋଗ ଦେବାକୁ ମନା କରିଦେବା ଫଳରେ ଅନ୍ଧାରର ସୁଯୋଗରେ ଏହି ସରକାରୀ କାର୍ଯ୍ୟାଳୟ ଓ ବାସଗୃହ ଏବେ ମଦ୍ୟପଙ୍କ ଆଡ୍ଡାସ୍ଥଳୀରେ ପରିଣତ ହେବା ସହିତ ସରୀସୃପଙ୍କ ବାସସ୍ଥଳୀ ପାଲଟିଛି। ଏ ନେଇ ସ୍ଥାନୀୟ କ୍ଷେତ୍ରୀୟ ଅଧିକାରୀ ବହୁବାର ବିଦ୍ୟୁତ ବିଭାଗ ଅଫିସ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଥିଲେ ମଧ୍ୟ ବିଦ୍ୟୁତ ବିଭାଗ ବିନା ସ୍ଥାୟୀ ପଟ୍ଟାରେ ବିଦ୍ୟୁତ ସଂଯୋଗ ଦେଇହେବ ନାହିଁ ବୋଲି ରୋକଠୋକ ଶୁଣାଇଦେଇଛି। ଫଳରେ ଏଠାରେ କାର୍ଯ୍ୟ କରୁଥିବା ସରକାରୀ ଅଧିକାରୀ ବାହାରେ ଘର ଭଡ଼ା ନେଇ ରହୁଥିବାରୁ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସର୍ବୋପରି ସରକାରଙ୍କ ଯୋଜନା ବିଫଳ ହେଉଥିବା ପରିଲକ୍ଷିତ ହେଉଛି।

ଯେକୌଣସି ଅଧିକାରୀ ଓ କର୍ମଚାରୀଙ୍କ ଅନୁପସ୍ଥିତର ସୁଯୋଗ ନେଇ କିଛି ଅସାଧୁ ଓ ମଦ୍ୟପ ବ୍ୟକ୍ତି କାର୍ଯ୍ୟାଳୟ ଏବଂ ବାସଗୃହରୁ ବିଭିନ୍ନ ସାମଗ୍ରୀ ଚୋରି କରି ନେଇଥିବା ଜଣାପଡ଼ିଛି। ଏନେଇ ବିଭାଗୀୟ ଅଧିକାରୀ ଥାନାରେ ଏତଲା ଦେବା ପରେ ପୁଲିସ କେବଳ ପାଟ୍ରୋଲିଂ କରି ନିଜ ଦାୟିତ୍ୱ ସାରି ଦେଇଛି। ଏପରିକି କିଛି ବାସଗୃହରେ ତାଲା ଭାଙ୍ଗି କିଛି ଅସାଧୁ ବ୍ୟକ୍ତି ନିଜେ ତାଲା ପକାଇ ଦେଇଥିବା କାର୍ଯ୍ୟାଳୟର କିଛି ତଳିଆ କର୍ମଚାରୀ କହିଛନ୍ତି। ସେହିପରି ୱାଟାକୋ ପକ୍ଷରୁ ଏଠାରେ ପାନୀୟ ଜଳ ଯୋଗାଣ ନିମନ୍ତେ ବ୍ୟବସ୍ଥା ରହିଥିଲେ ମଧ୍ୟ ସେମାନେ ମଧ୍ୟ ବିଭିନ୍ନ ଆଳଦେଖାଇ ଏହାକୁ ଟାଳି ଚାଲିଛନ୍ତି।

ଏହି ଅଫିସର ଏପରି ଅବସ୍ଥା ନେଇ ବିଭିନ୍ନ ସମୟରେ ଦାବି ଦେଉଥିଲେ ମଧ୍ୟ କେହି ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବା ଜଣାପଡ଼ିଛି। ଆଗକୁ ସାଧାରଣ ନିର୍ବାଚନ ରହିଥିବାବେଳେ ଏହା ପୂର୍ବରୁ ଏହି ସମସ୍ୟା ସମାଧାନ ହୋଇଗଲେ ଏହି କାର୍ଯ୍ୟାଳୟର ଶୋଭାବର୍ଦ୍ଧନ ହୋଇପାରିବା ସହିତ ସରକାରଙ୍କ ସୁବିଧା ଏଠାରୁ ସାଧାରଣ ଲୋକେ ହାସଲ କରିପାରିବେ। ତେବେ ଏହାର ସମାଧାନ ନିମନ୍ତେ ମୁଖ୍ୟ ଶାସନ ସଚିବ, ଯାଜପୁର ଜିଲ୍ଲାପାଳ, ବିଭାଗୀୟ ମନ୍ତ୍ରୀ, ସ୍ଥାନୀୟ ବିଧାୟକ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।

## ଗଣପତି ମଧୁବୈଶ୍ୟ ସମିତିର ବାର୍ଷିକ ଉତ୍ସବ

ବାଲିଚନ୍ଦ୍ରପୁର, ୩।୩(ସମିସ), ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁରସ୍ଥ ଗଣପତି ମଧୁବୈଶ୍ୟ ସମିତିର ତୃତୀୟ ବାର୍ଷିକ ଉତ୍ସବ ଆଜି ଗଜେନ୍ଦ୍ରପୁର ଛକସ୍ଥ ଆଖଣ୍ଡଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସମିତି ସଭାପତି ଦୁଃଶାସନ ସାହୁଙ୍କ ଅଧ୍ୟକ୍ଷତାରେ ତଥା କାର୍ଯ୍ୟକାରୀ ସଭାପତି ସାମ୍ବାଦିକ ଭକ୍ତ ଚରଣ ସାହୁଙ୍କ ସଞ୍ଚାଳନରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡଃ ରଘୁନାଥ ପାତ୍ର ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ମଧୁବୈଶ୍ୟ ଜାତିର ବିକାଶ ପାଇଁ ସମସ୍ତେ ଏକ ମନ ନେଇ କାର୍ଯ୍ୟ କରିବା ଉପରେ ଡଃ ପାତ୍ର ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ତଥା ସମାଜସେବୀ ପ୍ରଶାନ୍ତ କୁମାର ସାହୁ ଯୋଗଦେଇ ମଧୁବୈଶ୍ୟ ଜାତିର ଐତିହ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

ସମ୍ମାନିତ ଅତିଥି ଭାବେ ଜିଲ୍ଲା ମଧୁବୈଶ୍ୟ ସମାଜର ମୁଖ୍ୟ ଆବାହକ ତଥା ସମାଜସେବୀ ବସନ୍ତ କୁମାର ପାତ୍ର, ଅଧ୍ୟାପକ ରଞ୍ଜନ କୁମାର ସାହୁ, ଜିଲ୍ଲା ମଧୁବୈଶ୍ୟ ସମାଜର ଆବାହକ ଧୀରେନ୍ଦ୍ର କୁମାର ସାହୁ, ସମିତି ଉପଦେଷ୍ଟା ଶରତ କୁମାର ସାହୁ, ନଟବର ସାହୁ, ଶିକ୍ଷାବିତ ଉପେନ୍ଦ୍ର କୁମାର ସାହୁ, ସମିତି ସଦସ୍ୟ ଶରତ ସାହୁ ଓ ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏ ଅବସରରେ ସମାଜସେବୀ ବସନ୍ତ କୁମାର ପାତ୍ର, ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ, ସଂକୀର୍ତ୍ତନପ୍ରେମୀ ଶଶଧର ସାହୁ, ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ସାହୁ, ସଫଳ ସ୍ୱାବଲମ୍ବୀ ମହିଳା ବିଷ୍ଣୁପ୍ରିୟା ସାହୁ, ମିଷ୍ଟାନ୍ନ କାରିଗର ଦୁଃଶାସନ ସାହୁ, କ୍ଷୀରୋଦ ସାହୁ, ନାରାୟଣ ସାହୁ ଓ କଣ୍ଠଶିଳ୍ପୀ ରତ୍ନମଞ୍ଜରୀ ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମିତି ଉପସଭାପତି ରାଇ ଚରଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିବରଣୀ ପାଠ କରିଥିଲେ ସାଧାରଣ ସମ୍ପାଦକ ବସନ୍ତ କୁମାର ସାହୁ। ଧନେଶ୍ୱର ସାହୁ, ଜ୍ଞାନରଞ୍ଜନ ସାହୁ, ପ୍ରଶାନ୍ତ କୁମାର ସାହୁ, ପର୍ଶୁରାମ ସାହୁ ଓ ରତ୍ନମଞ୍ଜରୀ ସାହୁ ପ୍ରମୁଖ ମାନପତ୍ର ପାଠ କରିଥିବାବେଳେ ଧନ୍ୟବାଦ ଦେଇଥିଲେ ଦେବାଶିଷ ପୃଷ୍ଟି। ରାଜକିଶୋର ସାହୁ, ରବୀନ୍ଦ୍ରନାଥ ସାହୁ, ବିଜୟ କୁମାର ସାହୁ, ପ୍ରାଣକୃଷ୍ଣ ସାହୁ, ଆଦିକନ୍ଦ ସାହୁ, ଆଲୋକ ରଞ୍ଜନ ସାହୁ, ନିରଞ୍ଜନ ପୃଷ୍ଟି, ନୃସିଂହ ଚରଣ ସାହୁ, ଦୁର୍ଯ୍ୟୋଧନ ସାହୁ, ମାନଭଞ୍ଜନ ସାହୁ ଓ ଅରକ୍ଷିତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବନ୍ଧୁମହାନ୍ତି ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟ ଉଦ୍‌ଘାଟିତ

କର୍ଣ୍ଣାଗୋଲା, ୩।୩(ସମିସ): ଦଶରଥପୁର ବ୍ଲକ ଦଉପୁର ଗ୍ରାମରେ ଖୋଲିଲା ଅସ୍ଥାୟୀ ସମବାୟ ସମିତି କାର୍ଯ୍ୟାଳୟ। ଏହାକୁ ସରପଞ୍ଚ ସୁଚିସ୍ମିତା ମହାନ୍ତି ଉଦଘାଟନ କରିଛନ୍ତି। ଏହି ଉତ୍ସବରେ ପୂର୍ବତନ ସମିତିସଭ୍ୟ ଅକ୍ଷୟ ଭୂୟାଁ, ପୂର୍ବତନ ସରପଞ୍ଚ ମନୋରଞ୍ଜନ ପରିଡ଼ା, ଅଭିଜିତ ମହାନ୍ତି, ଉମାକାନ୍ତ ନାୟକ, ରତିକାନ୍ତ ସାହୁ, ସନାତନ ଦାସ, ସାଧୁଚରଣ ଷଡ଼ଙ୍ଗୀ, ପ୍ରଶାନ୍ତ ମହାନ୍ତି ଉପସ୍ଥିତ ଥିଲେ। ସଭାପତି ଭାବେ ସରପଞ୍ଚ ସୁଚିସ୍ମିତା ମହାନ୍ତି, ସମ୍ପାଦକ ରାଜଲକ୍ଷ୍ମୀ ନାୟକ, ସମବାୟ ସମିତିର ୧୫ ଜଣ କମିଟି ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ପୂର୍ବରୁ ନିଜାମପୁର ପଞ୍ଚାୟତ ସମବାୟ କାର୍ଯ୍ୟାଳୟରେ ଦଉପୁର ପଞ୍ଚାୟତବାସୀ ସଭ୍ୟସଭ୍ୟା ଥିଲେ।



## ଜଳସମ୍ପଦ ବିଭାଗ କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ

ସୁକିନ୍ଦା, ୩।୩(ସମିସ): ସୁକିନ୍ଦାସ୍ଥ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ ମଧୁସୂଦନ ଦେହୁରୀ(୫୯)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି ପୁଲିସ।



ଢେଙ୍କାନାଳ ଜିଲ୍ଲା ଟୁମୁସିଙ୍ଗା ଥାନା ଅନ୍ତର୍ଗତ କଣ୍ଟାଝରିଆ ଗ୍ରାମର ମଧୁସୂଦନ ଦେହୁରୀ ସୁକିନ୍ଦା ଜଳସମ୍ପଦ ବିଭାଗ କାର୍ଯ୍ୟାଳୟରେ ଚାକିରି କରନ୍ତି। କାର୍ଯ୍ୟାଳୟ ନିକଟରେ ଏକ ଭଡ଼ା ଘରେ ରହୁଥିଲେ। ରବିବାର ସକାଳୁ ନ ଉଠିବାରୁ ଘର ମାଲିକ ମଧୁସୂଦନଙ୍କ ପରିବାରକୁ ସୂଚନା ଦେଇଥିଲେ। ମଧୁସୂଦନଙ୍କ ପତ୍ନୀ ବୁଲି ଦେହୁରୀ ସୁକିନ୍ଦାରେ ପହଞ୍ଚିବା ପରେ ମଧୁସୂଦନଙ୍କ ମୃତ୍ୟୁ ଘଟିଥିବା ଜାଣିପାରି ଥାନାରେ ଅଭିଯୋଗ କରିଥିଲେ। ସୁକିନ୍ଦା ପୁଲିସ ମୃତଦେହ ଜବତ କରି ୭/୨୦୨୪ରେ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଜାରି ରଖିଛି।

## ବ୍ୟାସନଗରରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



ବ୍ୟାସନଗର, ୩।୩(ସମିସ): ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ୨୨ନଂ ୱାର୍ଡ ଝାଟିଆସାହିରେ ରବିବାର ଯାଜପୁର ଲୋକସଭା ସାଂସଦ ଶର୍ମିଷ୍ଠା ସେଠୀ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ସେ ଏ ଅବସରରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ସହିତ ଆଲୋଚନା କରିଛନ୍ତି। ସ୍ଥାନୀୟ କାଉନସିଲର କୁମୁଦିନୀ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରବିବାର ସାଂସଦ ଶ୍ରୀମତୀ ସେଠୀ ସ୍ଥାନୀୟ ଅଞ୍ଚଳରେ ଏକ ଅଷ୍ଟପ୍ରହରୀ ମଣ୍ଡପ ସହିତ ଏକ ମଶାଣି ଗୃହ ନିମନ୍ତେ ଶିଳାନ୍ୟାସ କରିବା ସହିତ ଏହି ସ୍ଥଳରେ ନିର୍ମାଣ ସରିଥିବା ଏକ ମିନି ପାର୍କ, ବିଭିନ୍ନ ପୁଷ୍କରିଣୀର ନବୀକରଣ, ବିଭିନ୍ନ ଅଞ୍ଚଳକୁ ସଂଯୋଗ କରୁଥିବା ଫେବର ରାସ୍ତାର ଲୋକାର୍ପଣ କରିବା ସହିତ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ସହିତ ବିଭିନ୍ନ ସମସ୍ୟା ଓ ସମାଧାନ ଦିଗରେ ଆଲୋଚନା କରିଥିଲେ।

## ବାବା ବେଲେଶ୍ୱରଙ୍କ ବିଗ୍ରହ ପ୍ରତିଷ୍ଠା ଓ ଯଜ୍ଞ ଉତ୍ସବ ଉଦ୍‌ଯାପିତ



କୁଆଖିଆ, ୩।୩(ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତ ବଣ୍ଟରା ଗ୍ରାମରେ ବାବା ବେଲେଶ୍ୱର ମହାଦେବଙ୍କ ବିଗ୍ରହ ପ୍ରତିଷ୍ଠା ଓ ଯଜ୍ଞ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଗ୍ରାମର ବିଶ୍ୱାଳ ସାହିର ଏକ ବେଲ ଗଛ ମୂଳରେ ପ୍ରଭୁ ଆବିର୍ଭାବ ହୋଇଥିଲେ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଭକ୍ତିଭାବ ଜାଗ୍ରତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଲୋକେ ବେଲଗଛକୁ ପୂଜାର୍ଚ୍ଚନା କରିଆସୁଥିଲେ। ଗ୍ରାମବାସୀଙ୍କ ଉଦ୍ୟମରେ ଉକ୍ତ ସ୍ଥାନରେ ଏକ ମନ୍ଦିର ନିର୍ମାଣ କରାଯାଇ ପ୍ରଭୁ ବେଲେଶ୍ୱରଙ୍କ ଲିଙ୍ଗ ଓ ବିଗ୍ରହ ପ୍ରତିଷ୍ଠା ଓ ଯଜ୍ଞ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଗନ୍ଧଣ ପଞ୍ଚାୟତର ବଣ୍ଟରା, ଏକତଳା, ବିଲିଶାସନ, ଭୋଟକା ପଞ୍ଚାୟତର ଇଚ୍ଛାପୁର, ଖାନାବାଡି ଆଦି ଗ୍ରାମର ଜନସାଧାରଣ ସମବେତ ହୋଇ ଯଜ୍ଞ କାର୍ଯ୍ୟକୁ ପରିଚାଳନା କରିଥିଲେ।

ପଞ୍ଜିକା ଆଧାରରେ ବିଗ୍ରହ ପ୍ରତିଷ୍ଠା ଓ ଯଜ୍ଞ ଉତ୍ସବ ପାଇଁ ଫାଲଗୁନ ମାସ କୃଷ୍ଣ ପକ୍ଷ ତୃତୀୟା ତିଥିକୁ ଶୁଭ ମୁହୂର୍ତ୍ତ ଭାବେ ସ୍ଥିର କରାଯାଇ ପୂଜାବିଧି ଆରମ୍ଭ ହୋଇଥିଲା। ଏହି ହିସାବରେ ଯାଜ୍ଞିକ ପଣ୍ଡିତଙ୍କ ଦ୍ୱାରା ଅଙ୍କୁରାରୋପଣ, ଧାନଅଧିବାସ ଓ କୁଣ୍ଡମଣ୍ଡପ ନିର୍ମାଣ କରାଯାଇଥିଲା। ଯଜ୍ଞ କାର୍ଯ୍ୟ ପାଇଁ କଳସ ଶୋଭାଯାତ୍ରା, ଜଳାଧିବାସ, କୁଣ୍ଡମଣ୍ଡଳ ପୂଜା ଓ ଅଗ୍ନି ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଭୁଙ୍କୁ ଆବାହନ କରାଯାଇ ଦେବତାଙ୍କ ପ୍ରାଣ ପ୍ରତିଷ୍ଠା, ପ୍ରଭୁ ବେଲେଶ୍ୱରଙ୍କ ଗ୍ରାମ ପରିକ୍ରମା, ମହାସ୍ନାନ, ମନ୍ଦିର ନ୍ୟାସପୀଠ ପୂଜା, ପୀଠ ନ୍ୟାସ, ତ୍ରିଶୂଳ ସ୍ଥାପନ ଓ ଦେବତା ମନ୍ଦିର ପ୍ରବେଶ ଓ ପାର୍ଶ୍ୱ ଦେବାଦେବୀଙ୍କ ସ୍ଥାପନ ଭଳି ନାନା ପୂଜାବିଧି ଅନୁଷ୍ଠିତ ହୋଇଥିଲା। ପ୍ରଭୁଙ୍କ ପୀଠରେ ପ୍ରତ୍ୟେହ ସୂର୍ଯ୍ୟ ପୂଜା, ଗୋ-ପୂଜା, ଭୂମି ପୂଜା, ପ୍ରଭୁଙ୍କୁ ବିଭିନ୍ନ ବେଶରେ ଭୂଷିତ କରିବା ସହ ରୁଦ୍ରାଭିଷେକ, ବେଦ ଓ ଗୀତାପାଠ, ଶିବ ସହସ୍ରନାମ, ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସକାଳ ଓ ସନ୍ଧ୍ୟା ସମୟରେ ପ୍ରଭୁଙ୍କ ଆରତୀ ଉତ୍ସବ ସମୟରେ ଭଜନ, ସଂକୀର୍ତ୍ତନ, ହିରବୋଲ ହୁଳହୁଳି, ଶଙ୍ଖ, ଘଣ୍ଟ ଘଣ୍ଟା ଆଦି ବାଦ୍ୟରେ ପରିବେଶରେ ଭକ୍ତିଭାଗ ଜାଗ୍ରତ ହେଉଥିଲା। ଏ ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ନାନା ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭକ୍ତଙ୍କ ସକାଶେ ପ୍ରସାଦ ସେବନର ବନ୍ଦୋବସ୍ତ କରାଯାଇଥିଲା।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଆହତ



ସୁକିନ୍ଦା, ୩।୩(ସମିସ): ୫୩ନଂ ଜାତୀୟ ରାଜପଥର ସୁକିନ୍ଦା-ଭୁବନ ରାସ୍ତାର ମଙ୍ଗଳପୁର ଛକ ନିକଟରେ ଟ୍ରକ୍ ଦୁର୍ଘଟଣାରେ ବାଇକ୍ ଆରୋହୀ ଆହତ ହୋଇ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ସଂସାଇଲୋ ପଞ୍ଚାୟତ ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମ ଜଗନ୍ନାଥ ପୂର୍ତ୍ତି(୨୫) ରବିବାର ଅପରାହ୍ନରେ ଭୁବନରୁ ବାଇକ୍ ଯୋଗେ ଫେରୁଥିବା ସମୟରେ ମଙ୍ଗଳପୁର ଛକ ନିକଟରେ ଏକ ଟ୍ରକ୍ ସହିତ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ଜଗନ୍ନାଥଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏହି ଦୁର୍ଘଟଣାରେ ଜଗନ୍ନାଥ ଅଳ୍ପକେ ମୃତ୍ୟୁମୁଖରୁ ରକ୍ଷା ପାଇଥିବାବେଳେ ଭାଙ୍ଗିଯାଇଛି। ଜଗନ୍ନାଥ ସୁକିନ୍ଦା ଥାନା ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିବା ପରେ ସୁକିନ୍ଦା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ୩ ପଞ୍ଚାୟତ ଅନୁଦାନରୁ ବଞ୍ଚିତ

କୋରେଇ, ୩।୩(ସମିସ): କୋରେଇ ବିଧାୟକଙ୍କ ହାତପାଣ୍ଠି ବଣ୍ଟନ କରାଯାଇଛି। ତେବେ ୩ଟି ପଞ୍ଚାୟତ ଅନୁଦାନ ରାଶିରୁ ବଞ୍ଚିତ ହୋଇଛନ୍ତି। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି। ଚଳିତ ବର୍ଷ ବିଧାୟକଙ୍କ ହାତପାଣ୍ଠି ୨ କୋଟି ୬୦ ଲକ୍ଷରୁ ଗୋଲେଇପୁର ପଞ୍ଚାୟତ ୨୯ ଲକ୍ଷ, ମୂଳାପାଳ ପଞ୍ଚାୟତ ୨୬ ଲକ୍ଷ ୫୦ ହଜାର, ଧନେଶ୍ୱର ପଞ୍ଚାୟତ ୨୪ ଲକ୍ଷ ୫୦ ହଜାର, ସାଦକପୁର ପଞ୍ଚାୟତ ୨୩ ଲକ୍ଷ, ପାଣିକୋଇଲି ପଞ୍ଚାୟତ ୨୧ ଲକ୍ଷ, ତାହାରପୁର ୧୫ ଲକ୍ଷ ୫୦ ହଜାର, କରଦା ୧୩ ଲକ୍ଷ ୫୦ ହଜାର, ହଳଦୀଗଡ଼ିଆ ୧୨ ଲକ୍ଷ ୫୦ ହଜାର, ପଛିକୋଟ ୧୦ ଲକ୍ଷ, ରଣପୁର, ବନ୍ଧାଳ ଓ ଅସନଝରକୁ ୯ ଲକ୍ଷ, ତଣ୍ଡରା ୮ ଲକ୍ଷ, ଖମଣ ଓ ଅନ୍ଧାରୀକୁ ୭ ଲକ୍ଷ, ବରୁଣ୍ଡେଇ ୬ ଲକ୍ଷ ୫୦ ହଜାର, ଅମୃତିଆ ୬ ଲକ୍ଷ, ତୁଳତି ୫ ଲକ୍ଷ, ବଡବିରୁହାଁ ୪ ଲକ୍ଷ, ତାରାକୋଟ ୪ ଲକ୍ଷ, ପଥରପଦା ୩ ଲକ୍ଷ, କନ୍ତୋର ୩ ଲକ୍ଷ ୫୦ ହଜାର, ପାଟରଙ୍ଗା ଓ ମୁକୁନ୍ଦପୁର ୨ ଲକ୍ଷ, କାଚାରାସାହିକୁ ୧ ଲକ୍ଷ ୫୦ ହଜାର ବଣ୍ଟନ କରାଯାଇଛି। ବ୍ଲକର ୨୮ ପଞ୍ଚାୟତରୁ ୨୫ ପଞ୍ଚାୟତକୁ ଏହି ଅନୁଦାନ ରାଶି ପ୍ରଦାନ କରାଯାଇଥିବାବେଳେ ଗୌରପୁର, ଜହ୍ନା ଓ ତଳଗଡ଼ ଆଦି ୩ଟି ପଞ୍ଚାୟତ ଏହି ଅନୁଦାନ ରାଶିରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି।

## ଆଦିବାସୀଙ୍କ ମାଗେପର୍ବରେ ଯୋଗଦେଲେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ



ସୁକିନ୍ଦା, ୩।୩(ସମିସ): ସୁକିନ୍ଦା ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ଆଦିବାସୀଙ୍କ ନିଆରା ପର୍ବ ମାଗେ ପର୍ବ ପାଳିତ ହୋଇଛି। ସ୍ଥାନୀୟ ଅଞ୍ଚଳର ଆଦିବାସୀ ଭାଇଭଉଣୀ ସେମାନଙ୍କ ପାରମ୍ପରିକ ନୃତ୍ୟ, ଗୀତ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଡଃ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ମାଘେପର୍ବରେ ଆଦିବାସୀ ଭାଇ ଭଉଣୀଙ୍କ ସହ ଖୁସିର ମୁହୂର୍ତ୍ତକୁ ଉପଭୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକିନ୍ଦା ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ବ୍ଲକ ସଭାପତି ବିବେକାନନ୍ଦ ବୋଷ, ଯୁବ ନେତା ସାଗର ସିଂସାମନ୍ତ, କୁଶ ମହାନ୍ତ, ସମିତିସଭ୍ୟା ଗୌରୀ ତିରିଆ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳର ଶତାଧିକ ଆଦିବାସୀ ମହିଳା ଓ ପୁରୁଷଙ୍କ ସମାଗମ ହୋଇଥିଲା। ତିନିଦିନ ଧରି ଏହି ପର୍ବ ପାଳନ ହେବ।

# ଭୋଟକା ପଞ୍ଚାୟତରେ ପାଇଖାନା କାର୍ଯ୍ୟାଦେଶ ବଣ୍ଟନ ମେଳା

କୁଆଖିଆ, ୩।୩(ସମିସ):

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତରେ ୩୦୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ପାଇଖାନା ନିର୍ମାଣ ପିଛା ହିତାଧିକାରୀଙ୍କୁ ୧୨ ହଜାର ଟଙ୍କା ସରକାରୀ ପ୍ରୋତ୍ସାହନ ପ୍ରଦାନ କରାଯାଇଛି। ତୁରନ୍ତ ପାଇଇଖାନା ନିର୍ମାଣ କାର୍ଯ୍ୟ ଶେଷକରି ସରକାରୀ ଅର୍ଥରାଶିରୁ ଲାଭ ଉଠାଇବାକୁ ମେଳା ଜରିଆରେ ପରାମର୍ଶ ଦିଆଯାଇଛି।



ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟାଦେଶ ବଣ୍ଟନ ମେଳାରେ ମୁଖ୍ୟଅତିଥି ଭାବେ ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ଶିଶିର କୁମାର ମହାନ୍ତି, ରସୁଲପୁର ବ୍ଲକ ଯୁବ ବିଜେଡି ସଭାପତି ମନୋଜ କୁମାର ରାଉତ, ଷ୍ଟେଟ ବ୍ୟାଙ୍କ-କୁଆଖିଆ ଶାଖା ପରିଚାଳିକା ଅନ୍ନଦା ସାହୁ, ସ୍ୱଚ୍ଛ ଭାରତ ମିଶନ ବ୍ଲକ ଗ୍ରାମୀଣ ସଂଯୋଜିକା ଅପର୍ଣ୍ଣା ମଲ୍ଲିକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ସାମଲ, ଗ୍ରାମ ରୋଜଗାର ସେବକ ପ୍ରଶାନ୍ତ କୁମାର ଘଡ଼ାଇ ପ୍ରମୁଖ ଯୋଗଦେଇ ସରକାରୀ ଯୋଜନାର ସଫଳ ଦିଗ ଉପରେ ଆଲୋକପାତ କରିବା ସହ ଏଥିରୁ ହିତାଧିକାରୀ କିଭଳି ଲାଭ ଉଠାଇପାରିବେ, ତା' ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପୂର୍ବରୁ ପାଇଖାନା ହାତେଇଥିବା ପରିବାରକୁ ଟୁଇନ୍ ପିଟ୍‌ର ସୁବିଧା ପ୍ରଦାନ କରାଯାଉଛି। ଏହାଛଡା ପ୍ରତ୍ୟେକ ପରିବାରରେ ଖତଗାଡିଆ ଓ ଶୋଷକ ଖାତ ନିର୍ମାଣ କରିବା ପାଇଁ ସରକାର ପ୍ରୋତ୍ସାହନ ରାଶି ପ୍ରଦାନ କରୁଛନ୍ତି। ଏହାଦ୍ୱାରା ପରିବାର ଲାଭବାନ ହୋଇପାରିବା ସହ ସୁସ୍ଥ ଜୀବନ ବଞ୍ଚିବାରେ ସହାୟକ ହେବ। ପରିବାର ସ୍ତରରୁ ଏହି ପ୍ରୟାସ ଆରମ୍ଭ ହେଲେ ପରିବେଶ ପ୍ରତି ଅନୁକୂଳ ସ୍ଥିତି ଉପୁଜିପାରିବ ବୋଲି ସୂଚନା ପ୍ରଦାନ କରାଯାଇଛି। ଏମବିକେ ସସ୍ମିତା ଆଏଚ ଧନ୍ୟବାଦ ଅର୍ପଣ କରିଥିଲେ। ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟା/ସଭ୍ୟ, ସିଆରପି, ଆଶା, ଅଙ୍ଗନବାଡି କର୍ମୀ, ପଞ୍ଚାୟତର ମୁରବୀ, ଯୁବକମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

● ଭଦ୍ରକରେ ପଲସ୍ ପୋଲିଓ ଟିକାକରଣ ଆରମ୍ଭ

# ପ୍ରଥମ ଦିନରେ ପୋଲିଓ ଖାଇଲେ ୧.୨୫ ଲକ୍ଷ ଶିଶୁ

ଭଦ୍ରକ,୩ ।୩(ସମିସ)

ଆଜି ଠାରୁ ଭଦ୍ରକ ଜିଲ୍ଲାରେ ବାର୍ଷିକ ୩ ଦିନିଆ ପଲସ୍ ପୋଲିଓ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅଭିଯାନରେ ଜନ୍ମରୁ ୫ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ପୋଲିଓ ବୁନ୍ଦା ଦିଆଯିବ। ଆଜି ଜିଲ୍ଲାର ୮୨୦ ବୁଥରେ ୧ଲକ୍ଷ ୨୫ହଜାର ୫୧୧ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଇଛି। ୪ ଓ ୫ ମାର୍ଚ୍ଚରେ ଜିଲ୍ଲାର ଆଶା, ଅଙ୍ଗନବାଡି ଓ ମହିଳା ସ୍ୱାସ୍ଥ୍ୟ କର୍ମୀମାନେ ଜିଲ୍ଲାର ୨,୯୮,୬୨୮ ଘରମାନଙ୍କରେ ବୁଲି ବାକି ରହିଯାଇଥିବା ପିଲାଙ୍କୁ ପୋଲିଓ ବୁନ୍ଦା ଦେବାର କାର୍ଯ୍ୟକ୍ରମ ରହିଛି। ସେହିଭଳି ଜିଲ୍ଲାର ୧,୪୬, ୫୭୧ ପିଲା ଏହି ଅଭିଯାନରେ ସାମିଲ ହେବାକୁ ଲକ୍ଷ ଧାର୍ଯ୍ୟ କରାଯାଇଛି। ସକାଳ ୮ ଟାରୁ ୪ଟା ପର୍ଯ୍ୟନ୍ତ ପୋଲିସ ବୁନ୍ଦା ଦେବାକୁ ବୁଥ୍ ଗୁଡିକ ଖୋଲାରହିଥିଲା। ଆଜି ଶୁଭାରମ୍ଭ ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସନ୍ତୋଷ କୁମାର ପାତ୍ର ଓ ଜିଲ୍ଲା ପରିବାର କଲ୍ୟାଣ, ଟିକାକରଣ ଅଧିକାରୀ ଡାକ୍ତର କନକଲତା ସାହୁ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଭାରତୀ ରାଉତ, ଜିଲ୍ଲା ରୋଗ ନିରୀକ୍ଷଣ ଅଧିକାରୀ ଡାକ୍ତର ସଂଗୀତା ବଳ ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଜିଲ୍ଲା ଅଧିକାରିଣୀ ଡାକ୍ତର ଅର୍ଚ୍ଚନା ଗାୟନ ଯୋଗଦେଇଥିଲେ। ଏହି ଅବସରରେ ଅତିରିକ୍ତ ନିର୍ଦ୍ଦେଶକ ପରିବାର କଲ୍ୟାଣ ବିଭାଗ ଓଡିଶା ଡ଼ାକ୍ତର ମୁରଲୀଧର ପାଢୀ ଜିଲ୍ଲା ପର୍ଯ୍ୟବେକ୍ଷକ ଭାବରେ ଯୋଗ ଦେଇଥିଲେ । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସୂଚନା ଅନୁଯାୟୀ, ଭଦ୍ରକ ବ୍ଲକ, ପୌରପାଳିକା ଓ ବରପଦା ସିଏଚ୍‌ସି ଅଧୀନରେ ୩୦, ୫୧୧ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଇଛି । ସେହିପରି ବନ୍ତ ବ୍ଲକରେ ୧୧,୭୯୦, ବାସୁଦେବପୁର ବ୍ଲକ ଓ ପୌରାଞ୍ଚଳରେ ୨୦,୮୭୪, ଭଣ୍ଡାରିପୋଖରୀ ବ୍ଲକରେ ୧୦,୩୪୨, ଚାନ୍ଦବାଲି ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ ୨୨,୦୩୧, ଧାମନଗର ବ୍ଲକ ଓ ଏନଏସି ଅଞ୍ଚଳରେ ୧୫,୧୭୧ ଓ ତିହିଡି ବ୍ଲକରେ ମୋଟ ୧୪,୩୨୦ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଇଛି।



## ୯,୦୬୮ ଶିଶୁ ଖାଇଲେ ପୋଲିଓ ବୁନ୍ଦା

**ଭଣ୍ଡାରିପୋଖରୀ,୩।୩(ସମିସ):** ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ରବିବାର ପଲ୍‌ସ ପୋଲିଓ ଅଭିଯାନରେ ୯,୦୬୮ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ୧୦,୩୧୬ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ୮୭.୯୦ ପ୍ରତିଶତ ହାରରେ ୯,୦୬୮ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି। ଏଥିପାଇଁ ୭୭ଟି କେନ୍ଦ୍ର ବ୍ୟବସ୍ଥା ହୋଇଥିବା ବେଳେ ୨ଟି ଟ୍ରାଞ୍ଜିଟ ଓ ଗୋଟିଏ ଭ୍ରାମ୍ୟମାଣ କେନ୍ଦ୍ର ପ୍ରସ୍ତୁତ କରାଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ବାରିକପୁର, ରହଣିଆ, ବିରୋଳି, ମଞ୍ଜୁରୀ, ମଞ୍ଜୁରୀରୋଡ ଓ ଜଗନ୍ନାଥପ୍ରସାଦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସମସ୍ତ ଉପକେନ୍ଦ୍ର ଆଦିରେ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି। ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକ୍ଷକ ଡାକ୍ତର ସରୋଜ ରାଉଳ, ଜନସ୍ୱାସ୍ଥ୍ୟ ଅଧିକାରୀ ସୁରେଶ ଚନ୍ଦ୍ର ପ୍ରଧାନ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ରଶ୍ମିରେଖା ପୃଷ୍ଟିଙ୍କ ସମେତ ସମସ୍ତ ଡାକ୍ତର, କର୍ମଚାରୀ, ଅଙ୍ଗନୱାଡି କର୍ମୀ, ସହାୟିକା, ଆଶାକର୍ମୀ ଏଥିରେ ଅଂଶଗ୍ରହଣ କରିଥିଲେ। ବାଦ ପଡିଥିବା ଶିଶୁଙ୍କୁ ଅଙ୍ଗନୱାଡି ଓ ଆଶାକର୍ମୀମାନେ ଘରକୁ ଘର ବୁଲି ପୋଲିଓ ବୁନ୍ଦ୍ର ପ୍ରଦାନ କରିବେ ବୋଲି ଜଣାଯାଇଛି।



## ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବାର୍ଷିକ ଉତ୍ସବ



**ଆରଡ଼ି,୩।୩(ସମିସ):** ଆରଡ଼ିପୀଠରେ ଥିବା ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ୭ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଭଦ୍ରକ ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ, ମୁଖ୍ୟବକ୍ତା ଭାବେ ସତ୍ୟଜିତ୍ ରାୟ ଫିଲ୍ମ ଏଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ ହିମାଂଶୁ ଶେଖର ଖଟୁଆ, ଶ୍ରୀକ୍ଷେତ୍ର ପୁରୀରେ ଥିବା କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ.ଶମ୍ଭୁନାଥ ମହାଳିକ, ସାହିତ୍ୟିକ ଇଂ.ଅଭୟ ସୂତାର, ସମାଜସେବୀ ସୁମନ୍ତ ମହାନ୍ତି, ଶିକ୍ଷାବିତ ଅଧ୍ୟାପକ ନିକୁଞ୍ଜକିଶୋର ଜେନା, ମଙ୍ଗୁଳିଚରଣ ସେଠୀ, ସିଆର୍‌ସିସି ଦୀଲ୍ଲିପ ଶେଖର ନାୟକ, ଟ୍ରଷ୍ଟି ଆଶିଷ ପାଢୀ, ଉପଦେଷ୍ଟା ବିଜୟ କୁମାର ଦାଶ, ସଭାପତି ତ୍ରିଲୋଚନ ପଣ୍ଡା, ସଭ୍ୟ ପ୍ରଶାନ୍ତ ପାଢୀ, କୋଷାଧକ୍ଷ ସଞ୍ଜୟ କୁମାର ଦାଶ, ନିର୍ଦ୍ଦେଶକ ଚିତ୍ତରଞ୍ଜନ ମହାନ୍ତିଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବିବେକାନନ୍ଦ ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏଥିସହ ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ରେଣୁବାଳା ସାମଲଙ୍କ ଦ୍ୱାରା ଲିଖିତ "ଅବ୍ୟକ୍ତ' ଗଳ୍ପ ସଂକଳନ ପୁସ୍ତକ ଲୋକାର୍ପିତ ହୋଇଥିଲା। ଏହି ଲୋକାର୍ପଣ ଉତ୍ସବରେ ସାହିତ୍ୟିକ ମନ୍ମଥ ବିଶ୍ୱାଳ, ସମାଜସେବୀ ନରେନ୍ଦ୍ର ବିଶ୍ୱାଳ, ସମବାୟ ବ୍ୟାଙ୍କ ମୁଖ୍ୟ ପରିଚାଳକ ଲୋକନାଥ ସାମଲ, ବ୍ୟାଙ୍କ ଅଫିସର ଅର୍ପିତା ଅନୁରାଧା ବିଶ୍ୱାଳ, ଶିକ୍ଷାବିତ ରକ୍ଷାକର ବିଶ୍ୱାଳ, ଗଦାଧର ନାୟକ, ମିହିର ନାୟକ, ଇଂ. ଆଲୋକ ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ବାବାଜି ଶଙ୍କର ପାଢୀ ବାର୍ଷିକ ବୀବରଣୀ ପାଠ କରିଥିଲେ। ପରେ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ଓ ଏକକ ଅଭିନୟ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ "ମାଟିର ମହକ' ସମ୍ମାନରେ ହିମାଂଶୁ ଖଟୁଆ ଓ ଡ. ଶମ୍ଭୁନାଥ ମହାଳିକଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ଆର୍ଦଶ ଶିକ୍ଷକ ଭାବେ ପୂର୍ବତନ ସିଆର୍‌ସିସି ମଙ୍ଗୁଳିଚରଣ ସେଠୀଙ୍କୁ ସମ୍ମାନୀତ କରାଯାଇଥିଲା। ଏହି ଉତ୍ସବରେ ଶିକ୍ଷାକେନ୍ଦ୍ରର ଗୁରୁଜୀ ଉମାକାନ୍ତ ମଲିକ, ଜଗବନ୍ଧୁ ବାରିକ, ତଥାଗତ ବିଶ୍ୱାଳ, ଗୁରୁମା ସୁନିତା ବାରିକ, ମାଳତୀ ମହାକୁଡ, ସ୍ୱପ୍ନାରାଣୀ ଖଟୁଆ, ରୋଜାଲିନ ପାଢୀ, ସାଗରିକା ଖଟୁଆ, ବନ୍ଦନା ନାୟକ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଡାଇମଣ୍ଡ ଡ୍ୟାନ୍ସଗୃପର କର୍ମକର୍ତ୍ତାଙ୍କ ସମସ୍ତ ନୃତ୍ୟ ପରିଚାଳନା କରାଯାଇଥିଲା।

## ଟେଣ୍ଟ ଭଙ୍ଗାକୁ କେନ୍ଦ୍ର କରି ଗଣ୍ଡଗୋଳ

**ମଞ୍ଜୁରୀ ରୋଡ୍, ୩।୩(ସମିସ):** ଭଣ୍ଡାରିପୋଖରୀ ଥାନା ବିଶୋଳ ଶାସନ ଗ୍ରାମରେ ଟେଣ୍ଟ ଭଙ୍ଗାକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇଛି। ପ୍ରାପ୍ତ ସୂଚନା ମୁତାବକ ଗ୍ରାମର ଉପେନ୍ଦ୍ର ପତୀଙ୍କ ପୁଅ ବାହାଘର ପାଇଁ ଟେଣ୍ଟ ବନ୍ଧା ହୋଇଥିଲା। ଅପରପକ୍ଷ ରମେଶ ମିଶ୍ର ମୋ ବାଡକୁ ଲଗାଇ କାହିଁକି ଟେଣ୍ଟ ବାନ୍ଧିଛ ବୋଲି ବିରୋଧ କରି ଗାଳିଗୁଲଜ କରିଥିଲେ। ଏଥିରେ ତାଙ୍କ ପତ୍ନୀ, ଦୁଇ ପୁଅ,ଝିଅ ମିଶି ମଧ୍ୟ ଟେଣ୍ଟ ମାଲିକ ଓ ଉପେନ୍ଦ୍ରଙ୍କ ପରିବାରକୁ ଗାଳି ଗୁଲଜ କରିଥିବା ଅଭିଯୋଗ ହୋଇଛି। ଲାଇଟ୍ ଭଙ୍ଗା ରୁଜା ମଧ୍ୟ କରିଛନ୍ତି। ଏନେଇ ରିନାଲତା ପତି ଥାନାରେ ଅଭିଯୋଗ କରିଛନ୍ତି। ସେହିଭଳି ତାଙ୍କ ପରିବାର ବର୍ଗଙ୍କୁ ଆକ୍ରମଣ କରାଯାଇଥିବା ନେଇ ଜୟନ୍ତୀ ମିଶ୍ର ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତି କରି ଥାନା ପକ୍ଷରୁ ଦୁଇ ଗୋଟି ମାମଲା ରୁଜୁ କରାଯାଇଛି ।

## ମହାବୀର ୟୁଥ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ମଞ୍ଜୁରୀ ରୋଡ୍, ୩।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ଼ ପଡିଆ ଠାରେ ଆଜି ମହାବୀର ୟୁଥ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଫାଇନାଲ ମ୍ୟାଚ ବାବା ଦୁଃଖେଶ୍ୱର କ୍ରିକେଟ ଟିମ୍ ଥଇଳା ସହିତ ମା' ମଙ୍ଗଳା ଇଲେଭେନ ଯାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଥଇଳା ଚାମ୍ପିଅନ ହୋଇଥିଲା। ଥଇଳା ଟିମ୍ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ୯ ୱିକେଟ ହରାଇ ୧୪୯ ରନ ସଂଗ୍ରହ କରିଥିଲା। ଜବାବରେ ମା' ମଙ୍ଗଳା ଇଲେଭେନ ୧୦ ଓଭରରେ ସମସ୍ତ ୱିକେଟ ହରାଇ ୪୫ରନ ପରାଜିତ ହୋଇଥିଲା। ଅମ୍ପେୟାର ଭାବେ ଶ୍ରୀମନ୍ତ ଖଣ୍ଡାଇ ଓ ଅରୁନ ଜେନା ଖେଳ ପରିଚାଳନା କରିଥିଲେ। ସ୍କୋରର ଭାବେ ମାନସ କୁମାର ପଣ୍ଡା, ମୃତ୍ୟୁଞ୍ଜୟ ଦାସ ଓ ଭାଷ୍ୟକାର ଭାବେ ଶ୍ରୀକାନ୍ତ ଖଣ୍ଡାଇ ଓ ଅଜୟ ବାରିକ ଧାରା ବିବରଣୀ ପ୍ରଦାନ କରିଥିଲେ। ଉଦଯାପନୀ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଜିଲ୍ଲା କଂଗ୍ରେସ ସଭାପତି ସୁବ୍ରତ ଦାସ, ସମ୍ମାନିତ ଅତିଥି ଭାବେ ବରିଷ୍ଠ କଂଗ୍ରେସ ନେତା ଗୋଲକ ବେହେରା, ମହାବୀର କ୍ଲବର ସଭାପତି ଗୋପୀନାଥ ନାୟକ, ବ୍ଲକ କଂଗ୍ରେସ ସଭାପତି ରଜନୀକାନ୍ତ ଚନ୍ଦ, ଅଜୟ ସାହୁ, ଯୁବନେତା ବିଜୟଶଙ୍କର ମହାନ୍ତି, ରମେଶ ଭାରତୀ, ଦେବବ୍ରତ ଜେନା ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ ଟିମକୁ ପୁରସ୍କୃତ କରିଥିଲେ। ଟୁର୍ଣ୍ଣାମେଣ୍ଟକୁ ମହାବୀର ୟୁଥ କ୍ଲବର ସଦସ୍ୟ ମାନେ ପରିଚାଳନା କରିଥିଲେ।

## ଶିକ୍ଷକଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

**ମଞ୍ଜୁରୀ ରୋଡ଼, ୩।୩(ସମିସ):**ଭଣ୍ଡାରିପୋଖରୀ ବ୍ଲକ ମଢ଼ିଆଳି ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସହକାରୀ ଶିକ୍ଷକ ଅଶୋକ ରାଉତଙ୍କୁ ଏହି ଅବସରରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଉକ୍ତ ସଭାରେ ଅତିଥି ଭାବେ ପଞ୍ଚାନନ ବାରିକ, କୃଷ୍ଣଚନ୍ଦ୍ର ବେହେରା, ଉପେନ୍ଦ୍ରପ୍ରସାଦ ଜେନା, କୈଳାସ ଦ୍ୱିବେଦୀ ପ୍ରମୁଖ ଯୋଗଦେଇ ଅବସର ଗ୍ରହଣ କରିଥିବା ଶିକ୍ଷକଙ୍କ ଶିକ୍ଷାଦାନ ସମେତ ବିଭିନ୍ନ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ଶ୍ରୀ ରାଉତଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପରେ ଗ୍ରାମବାସୀ ମାନେ ଏକ ଶୋଭାଯାତ୍ରାରେ ବିଦାୟୀ ଶିକ୍ଷକଙ୍କୁ ନେଇ ଗ୍ରାମ ସମେତ ମଞ୍ଜୁରୀରୋଡ଼ ବଜାର ପରିକ୍ରମା କରି ସାତଶୋଳା ବିଦ୍ୟାଳୟ ଠାରେ ପହଞ୍ଚିଥିଲେ। ସେଠାରେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସିଆର୍‌ସିସି କୁସୁମଲତା ମହାପାତ୍ର, ରଞ୍ଜନ ମହାନ୍ତି, ପୁଷ୍ପକ ଚନ୍ଦ୍ର ଭାରତୀ, ଭାଗବତ ରାଉତ, କୈଳାସ ଚନ୍ଦ୍ର ସାମଲ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ବହୁ ଶିକ୍ଷକଙ୍କ ସମେତ ଅଭିଭାବକ ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ।

## ସମାଜସେବୀଙ୍କ ପରଲୋକ



**ମଞ୍ଜୁରୀ ରୋଡ୍,୨।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ସରସଦା ସାର୍ବଜନୀନ ଦୁର୍ଗାପୂଜା କମିଟିର ପ୍ରତିଷ୍ଠାତା ସଦସ୍ୟ ତଥା ସମାଜସେବୀ ଅଶୋକ ନାୟକଙ୍କ ଅକାଳ ବିୟୋଗ ଘଟିଛି। ସେ ଆଜି ଅପରାହ୍ନରେ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ଜଣା ପଡ଼ିଲା ପରେ ପଞ୍ଚାୟତ ଅଞ୍ଚଳର ଶହ ଶହ ଜନସାଧାରଣ ମେଡିକାଲରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଛନ୍ତି। ଖବର ପାଇ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ପହଞ୍ଚି ପାର୍ଥିବ ଶରୀରର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହା ଛଡା ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ବ୍ଲକ ଉପାଧ୍ୟକ୍ଷ ପ୍ରଣିତ କାନ୍ତି ସାମଲ, ଜିଲ୍ଲାପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ସରପଞ୍ଚ ରମେଶ ଚନ୍ଦ୍ର ଜେନା, ବିରେନ୍ଦ୍ର ନାୟକ, ସତ୍ୟାନନ୍ଦ ମହାପାତ୍ର, ହେମନ୍ତ ଜେନା, ଦେ୍ୱନ୍ଦ୍ର ଦାସ, ସନ୍ତୋଷ କୁମାର ସ୍ୱାଇଁ, ରମେଶ ଚନ୍ଦ୍ର ନେଇ, ପ୍ରଶାନ୍ତ ଭଞ୍ଜ, ପ୍ରତାପ ନାୟକ, ଅକ୍ଷୟ ଜେନା ପ୍ରମୁଖ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସମାଜସେବୀଙ୍କ ବିୟୋଗ ଶୋକର ଅଞ୍ଚଳରେ ଛାୟା ଖେଳିଯାଇଛି।

● ଅସୁରକ୍ଷିତ ଚାନ୍ଦବାଲି ଲଞ୍ଚ ଘାଟ

# ନଦୀକୁ ଧସିଲା ସୁରକ୍ଷା ବନ୍ଧ

ଚାନ୍ଦବାଲି,୩।୩(ସମିସ)

ବିପଦ ସଙ୍କୁଳ ଅବସ୍ଥାରେ ରାଜ୍ୟ ବନ୍ଦର ଓ ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ବିଭାଗ ଅଧୀନସ୍ଥ ଚାନ୍ଦବାଲି ଲଞ୍ଚ ଘାଟ। ପ୍ରାୟ ୪୦ ଫୁଟ୍ ଲମ୍ବର ସୁରକ୍ଷା ବନ୍ଧ ବୈତରଣୀ ନଦୀକୁ ଧସି ଯିବାରୁ ଅସୁରକ୍ଷିତ ଅବସ୍ଥାରେ ଉକ୍ତ ଘାଟର ଜେଟି। ଫଳରେ ବଡ ଧରଣର ଅଘଟଣ ଘଟିବାର ଆଶଙ୍କା ଦେଖା ଦେଇଛି। ନିକଟରେ ଥିବା ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ମଧ୍ୟ ବିପଦ ମୁହଁକୁ ଠେଲି ହୋଇଯାଇଛି। ଦୀର୍ଘ ବର୍ଷ ହେବ ସୁରକ୍ଷା ବନ୍ଧ ଓ ଜେଟି ମରାମତି ଅଭାବରୁ ଦିନକୁ ଦିନ ଏମିତି ଅସୁରକ୍ଷିତ ହୋଇ ଯାଉଥିବା କିଛି ଲଞ୍ଚ ଯାତ୍ରୀ ପ୍ରକାଶ କରିଛନ୍ତି। ଅନ୍ୟପଟେ ଏହି ଲଞ୍ଚ ଘାଟରୁ ପ୍ରତ୍ୟେକ ଦିନ ଦୁଇଟି ଲଞ୍ଚ ଧାମରା, ଚଡ଼ଦିଆ, ତାଳଚୁଆ ଓ ଡାଙ୍ଗମାଳ ଆଦି ସ୍ଥାନକୁ ଯାତ୍ରା କରେ। ଶହ ଶହ ଯାତ୍ରୀ ଚାନ୍ଦବାଲିର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମେତ ଡାକ୍ତରଖାନା ଓ ବସ୍ ଯୋଗେ ଦୂର ସ୍ଥାନକୁ ଯିବା ପାଇଁ ଲଞ୍ଚରେ ଆସନ୍ତି। ଏବେବି ଜଳପଥ ପରିବହନ ଚାନ୍ଦବାଲି ବ୍ଲକ ସମେତ ପଡ଼ୋଶୀ ଜିଲ୍ଲା କେନ୍ଦ୍ରାପଡ଼ାର କିଛି ଅଞ୍ଚଳ ଲୋକଙ୍କ ପାଇଁ ଏକମାତ୍ର ବିକଳ୍ପ ହୋଇ ରହିଛି। ଏଭଳି ସ୍ଥଳେ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦବି ହୋଇଛି। ଅଭିଯୋଗ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ହରେକୃଷ୍ଣ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛୁ। ଚଳିତ ବର୍ଷ ପାଣ୍ଠି ଅଭାବ ରହିଛି। ତେବେ ମାର୍ଚ୍ଚ ମାସ ପରେ ସୁରକ୍ଷା ପାଚେରି ନିର୍ମାଣ କରାଯିବ।



## ଓଷ୍ଟାର ନୂତନ ସଭାଗୃହ ଉଦ୍‌ଘାଟିତ

**ଭଦ୍ରକ,୩।୩(ସମିସ):** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ଜିଲ୍ଲା କାର୍ଯ୍ୟାଳୟର ଉପର ମହଲାରେ ନବନିର୍ମିତ ସଭାଗୃହର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଧାମନଗର ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଓଷ୍ଟାର ସଭାପତି ଅକ୍ଷୟ କୁମାର ମିଶ୍ର, ସାଧାରଣ ସମ୍ପାଦକ ରଞ୍ଜନ ଦାଶ, ସମ୍ପାଦକ ରମାକାନ୍ତ ମହାପାତ୍ର, ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ଅକ୍ଷୟ କୁମାର ହୋତା, ପ୍ରାକ୍ତନ ସମ୍ପାଦିକା ସୁରଜିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଆୟୋଜିତ ସଭାରେ ସଭାପତିତ୍ୱ କରିଥିଲେ ଜିଲ୍ଲା ସଭାପତି ରମାକାନ୍ତ ପରିଡ଼ା ସମ୍ପାଦକ ପ୍ରଦୀପ୍ତ କୁମାର ଦାସ ଉଦ୍ଦେଶ୍ୟ ଜ୍ଞାପନ କରିଥିଲା ବେଳେ ଅନିଲ କୁମାର ମିଶ୍ର ମଞ୍ଚ ଆହ୍ୱାନ କରିଥିଲେ। ପ୍ରାକ୍ତନ ନେତୃତ୍ୱ ପ୍ରଫୁଲ୍ଲ ପଲାଇ, ଉପେନ୍ଦ୍ର ପାଢ଼ୀ, ସାଧୁଚରଣ ଷଡ଼ଙ୍ଗୀ, ଗୌରାଙ୍ଗ ବାରିକ୍ ଓ ନିର୍ମଳ ମାଇତି ଙ୍କୁ ସମ୍ବର୍ଦ୍ଧିତ କରିବା ସହ ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇଥିବା ଜିଲ୍ଲା ର ୩ ଜଣ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ହୋତା, ଶଶୀ ଶେଖର କର ଶର୍ମା, ରାଜ କିଶୋର ମଲ୍ଲିକ, ପ୍ରଭାତ ପାଣଗ୍ରାହୀ, ଶିକ୍ଷୟତ୍ରୀ ପିଙ୍କି ପ୍ରିୟଦର୍ଶିନୀ ପଣ୍ଡା ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବାସୁଦେବପୁର ବ୍ଲକ ସମ୍ପାଦକ କମଳାକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଦେବବ୍ରତ ତ୍ରିପାଠୀ,ବୈକୁଣ୍ଠ ବିଶ୍ୱାଳ, ବସନ୍ତ ବିଶ୍ୱାଳ, ପର୍ଶୁରାମ ପାତ୍ର, ହେମନ୍ତ ସୂତାର, ନବକିଶୋର ମଲ୍ଲିକ, ପ୍ରଶାନ୍ତ ମିଶ୍ର, ମନୋରଞ୍ଜନ ପଣ୍ଡା, ବିଶ୍ୱନାଥ ପଣ୍ଡା,ସନ୍ତୋଷ ଜେନା, ଅରୁଣ ଶତପଥୀ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

## ଛଡ଼ାକ୍ ମହଲା ପ୍ରଥମିକ ସ୍କୁଲର ବାର୍ଷିକୋତ୍ସବ



**ଭଦ୍ରକ,୩।୩ (ସମିସ):** ଭଦ୍ରକ ସହରାଞ୍ଚଳ ୨୨ନମ୍ବର ୱାର୍ଡ ଛଡାକ୍ ମହଲା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଓ ବିଦାୟକାଳୀନ ସଭା ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାସିନୀ ସାମଲଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ନିଖିଳ ଉତ୍କଳ ପ୍ରାଥମିକ ସଂଘ ପ୍ରାକ୍ତନ ସଭାପତି ତ୍ରିଲୋଚନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ଶମ୍ଭୁନାଥ ପାଣିଗ୍ରାହୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଅଣଆନୁଷ୍ଠାନିକ ଶିକ୍ଷକରୁ ନିୟମିତ ହୋଇଥିବା ପ୍ରାଥମିକ ଶିକ୍ଷକ ସଂଗଠନର ସମ୍ପାଦକ ଅମିୟ କୁମାର ବରାଳ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ନିରଞ୍ଜନ ସେଠୀ, ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିପ୍ରଭା ସ୍ୱାଇଁ, ସ୍ଥାନୀୟ କାଉନସିଲରଙ୍କ ପ୍ରତିନିଧି ଇଲିଆସ ଖାଁ, ପ୍ରାକ୍ତନ ସିଆର୍‌ସିସି ରଞ୍ଜନ କୁମାର ଦେ, ସିଆର୍‌ସିସି ଶ୍ରଦ୍ଧାଞ୍ଜଳି କର, ଏକ୍ରାମ ଅଲ୍ଲି ଖାଁ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ମୀର ରାକେଶ ରୋସନ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରକାଶ ବେହେରା, ସ୍ୱର୍ଣ୍ଣପ୍ରଭା ତ୍ରିପାଠୀ, ବନ୍ଦନା ରାଉଳ, ଏସ୍‌ଏମ୍‌ସି ସଭାପତି ଜାହାରା ବିବି ଓ ଉପସଭାପତି ଫିରୋଜ ଖାଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷାରେ କୃତିତ୍ୱ



**ଧାମନଗର,୩।୩(ସମିସ):** ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷାରେ ଧାମନଗର ବ୍ଲକ ଅନ୍ତର୍ଗତ ପଳିକିରୀ ଭଗବାନପୁର ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ସୋମନାଥ ନାୟକ ଶତକଡ଼ା ୭୬ ନମ୍ବର ରଖି ବ୍ଲକର ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସୋମନାଥ ଜଣେ ମେଧାବୀ ଛାତ୍ର ଅଟନ୍ତି। ସେ ତୃତୀୟ ଓ ପଞ୍ଚମ ମେଧାବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ବେଳେ ୬ଷ୍ଠ ଶ୍ରେଣୀରେ ପଠାଣି ସାମନ୍ତ ଓ ସୈନିକ ପରୀକ୍ଷା ଏବଂ ଅଷ୍ଟମରେ ଶିଶୁ ବିକାଶ ମେଧାବୃତ୍ତି, ଜାତୀୟ ଆୟ ଭିତ୍ତିକ ମେଧାବୃତ୍ତି ଓ ଆଦର୍ଶ ପରୀକ୍ଷାରେ ସଫଳତା ସହ ପ୍ରଥମ ସ୍ଥାନ ହାସଲ କରିଥିଲେ। ଏକ ମଧ୍ୟବିତ୍ତ ପରିବାରରେ ମାତା ସୁକାନ୍ତି ଓ ପିତା ହେମନ୍ତ ନାୟକଙ୍କ ଏକମାତ୍ର ପୁତ୍ର ସୋମନାଥଙ୍କ ସଫଳତାରେ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଅଞ୍ଚଳ ଜନସାଧାରଣ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

## ତିନି ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଧାମନଗର,୩।୩(ସମିସ):** ଧାମନଗର ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଠାରେ ବିଇଓ ଅଫିସରେ ତିନି ଜଣ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ତାମ୍ପଳା ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ନିର୍ମଳ କୁମାର ବେହେରା, ପଥରଡିହ ଉଚ୍ଚ



ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଖଗେଶ୍ୱର ଜେନା ଓ କାକୁଡିଗଡ଼ିହା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ପ୍ରସାଦ ବସନ୍ତିଆଙ୍କୁ ମଣ୍ଡଳ ଶିକ୍ଷାଧିକାରୀ ଗଦାଧର ଜେନା ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

# ଅଧପନ୍ତରିଆ ରାସ୍ତା ମରାମତି ଯାତ୍ରୀଙ୍କୁ ଘାତକ

ଚାନ୍ଦବାଲି,୩।୩(ସମିସ)

ଚାନ୍ଦବାଲି ପୂର୍ତ୍ତବିଭାଗ ଅଧୀନରେ ଚାନ୍ଦବାଲି-କଟକ ରାସ୍ତାର ଅଧପନ୍ତରିଆ ମରାମତି ଯାତ୍ରୀଙ୍କ ପାଇଁ ଘାତକ ସାଜୁଛି। ୩୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗତ ସପ୍ତାହରେ ହୋଇଥିବା ପିଚୁ ମରାମତି କାର୍ଯ୍ୟ ଏତେ ନିମ୍ନମାନର ହୋଇଛି ଯେ ହାତ ମାରିଲେ ଫଡା ଫଡା ହୋଇ ଉଠି ଯାଉଛି। ଏମିତିକି ରାସ୍ତାରେ ଛୋଟ ଛୋଟ ଗୋଡ଼ି ଓ ବଜୁରି ଜମି ରହି ଦୁଇଚକିଆ ଯାନ ଓ ସାଇକଲ ଯାତ୍ରୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ରାସ୍ତାର ସ୍ଥିତି ଏମିତି ହୋଇଛି ଯେ କୌଣସି ମୁହୂର୍ତ୍ତର ଦୁର୍ଘଟଣାକୁ ଏଡାଇ ଦିଆଯାଇ ନପାରେ।

ସୂଚନାଯୋଗ୍ୟ ଚାନ୍ଦବାଲି ପୋଲ ନିକଟରୁ ସିମୁଳିଆ ତାରିଣୀ ଛକ ପର୍ଯ୍ୟନ୍ତ ମରାମତି କାର୍ଯ୍ୟ ଅତି ନିମ୍ନ ମାନର ହେଉଥିବା ଅଭିଯୋଗ ହୋଇଛି। ରାସ୍ତା ମରାମତି ନିୟମ ଆଧାରରେ ୩୫ ଏମ୍‌ଏମ୍ ମୋଟେଇ ରହିବାର ବ୍ୟବସ୍ଥା ଥିବା ବେଳେ ନିୟମକୁ ଅଣଦେଖା କରି ସମ୍ପୃକ୍ତ ଠିକା ସଂସ୍ଥା କେଉଁଠି ୧୦ ଏମ୍‌ଏମ୍ ତ ଆଉ କେଉଁଠି୧୫ ଏମ୍‌ଏମ୍ ହୋଇଛି। ବିଭାଗୀୟ ଯନ୍ତ୍ରୀ କାର୍ଯ୍ୟ ସ୍ଥଳୀକୁ ଆସୁନଥିବା ବେଳେ କାର୍ଯ୍ୟାଳୟରେ ବସି ତଳିଆ କର୍ମଚାରୀ ପଠାଇ ବିଲ୍ କରିବାକୁ ମସୁଧା ଚଳାଇଛନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସ୍ଥାନେ ସ୍ଥାନେ ପିଚୁ ପକାଇ ମନମୁଖୀ ମରାମତି କାର୍ଯ୍ୟକୁ ବିରୋଧ କରିଛନ୍ତି ଅଞ୍ଚଳବାସୀ। ଉକ୍ତ ରାସ୍ତା ଦେଇ ଦିନ ରାତି ବଡ ବଡ ଯାନବାହନ ଚଳାଚଳ କରୁଥିବା ବେଳେ ରାସ୍ତାର ସ୍ଥାୟିତ୍ୱ ନେଇ ଏବେ ଉଠିଛି ପ୍ରଶ୍ନ। ସ୍ଥାନୀୟ ଲୋକଙ୍କ ଅଭିଯୋଗ, ରାସ୍ତା ମରାମତି ସମୟରେ ପୂର୍ତ୍ତର୍ ବିଭାଗର କୌଣସି ଅଧିକାରୀ ଉପସ୍ଥିତ ରହୁନଥିବା ବେଳେ ଠିକାଦାର ରାତିରେ ପିଚୁ ଢାଳି କାମ କରୁଛି। ତେଣୁ ଠିକାଦାର ଅତି ନିମ୍ନମାନର କାମ କରୁଛି ବୋଲି ସ୍ଥାନୀୟବାସୀ ବିଶ୍ୱନାଥ ସୁତାର ଓ ଯୁବନେତା ଇମ୍ରାନ ଖାନ ଅଭିଯୋଗ କରିଛନ୍ତି। ଅନ୍ୟ ପଟେ ଏ ବାବଦରେ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ପୂର୍ତ୍ତବିଭାଗର କନିଷ୍ଠ ଯନ୍ତ୍ରୀ ଚରଣ ସିଂ କହିଛନ୍ତି ଅଭିଯୋଗ ଆସିବା ପରେ ମରାମତି ହୋଇଥିବା ରାସ୍ତା ମାପିବାକୁ ପଠାଇଥିଲୁ, ଅଟକଳ ମୁତାବକ ବାକି ଥିବା ମରାମତି କାର୍ଯ୍ୟ କରିବାକୁ ସମ୍ପୃକ୍ତ ଠିକାଦାରକୁ ନିର୍ଦ୍ଦେଶ ଦିଆଯାଇଛି।



### ସଚେତନତାର ଅଭାବ

# କାମରେ ଲାଗୁନି ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର

**କୋରେଇ, ୩।୩(ସମିସ)**




ଉତ୍ତମ ପରିବେଶ ଗଠନରେ ବର୍ଜ୍ୟବସ୍ତୁ ମୁଖ୍ୟ ସମସ୍ୟା ସୃଷ୍ଟି କରେ। ପରିବେଶକୁ ଦୂଷିତ କରିବା ସହ ଜଳବାୟୁକୁ ମଧ୍ୟ ଦୂଷିତ କରିଥାଏ। ଏହା ଦ୍ୱାରା ମାନବ ସମାଜର ସୁସ୍ଥ ଜୀବନଯାପନରେ କୁପ୍ରଭାବ ପଡ଼େ। ଉଭୟ ସହର ଓ ଗ୍ରାମାଞ୍ଚଳରେ କଠିନ ବର୍ଜ୍ୟବସ୍ତୁ ଗୁରୁତର ସମସ୍ୟା ସୃଷ୍ଟି କଲାଣି। ତେଣୁ ବର୍ତ୍ତମାନ ପରିପ୍ରେକ୍ଷୀରେ ବର୍ଜ୍ୟବସ୍ତୁର ନିଷ୍କାସନ କରିବା ସହିତ ତାହାର ସୁପରିଚାଳନା କରିବା ଅତ୍ୟନ୍ତ ଆବଶ୍ୟକ ଅଟେ। ଏ ପରିପ୍ରେକ୍ଷୀରେ ରାଜ୍ୟ ସରକାର ଉତ୍ତମ ପଦକ୍ଷେପ ଗ୍ରହଣ କରିବା ସ୍ୱରୂପ ପ୍ରତ୍ୟେକ ପଞ୍ଚାୟତରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରମାନ ସ୍ଥାପନ କରିଛନ୍ତି। କିନ୍ତୁ ପରିତାପର ବିଷୟ ଯାଜପୁର ଜିଲ୍ଲା କୋରେଇ ବ୍ଲକ ଅଧୀନରେ ଥିବା ପ୍ରତି ପଞ୍ଚାୟତରେ ନିର୍ମାଣ କରାଯାଇଥିବା ଏସବୁ କେନ୍ଦ୍ରରେ ତାଲା ଝୁଲୁଥିବା ପରିଲକ୍ଷିତ ହୋଇଛି। ସଚେତନତା ଅଭାବରୁ କାମରେ ଲାଗୁନି ଏସବୁ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର। ତେବେ ଏଥିପ୍ରତି ପ୍ରଶାସନିକ ସ୍ତରରେ ପଦକ୍ଷେକ ଗ୍ରହଣ କରାଯିବାକୁ ଦାବି ହେଉଛି। ଗ୍ରାମର ପରିବେଶକୁ ସ୍ୱଚ୍ଛ, ନିର୍ମଳ ରଖିବା ପାଇଁ ପ୍ରତି ଘରକୁ ପାଇଖାନା ଯୋଗାଇ ଦିଆଯାଇଛି। ଏଥିସହିତ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପ୍ରତି ଗ୍ରାମର ଆବର୍ଜନାକୁ ପରିଚାଳନା କରିବା ନିମନ୍ତେ ଏକ ଆବର୍ଜନା କୁଣ୍ଡ ସହିତ ସବୁ ପଞ୍ଚାୟତରେ ଆବର୍ଜନା ପରିଚାଳନା କରିବା ପାଇଁ ଏକ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ସ୍ଥାପନ କରିଛନ୍ତି। ବର୍ଜ୍ୟବସ୍ତୁକୁ ଆବର୍ଜନା କେନ୍ଦ୍ରକୁ ଆଣିବା ପାଇଁ ଏକ ଟଲି ମଧ୍ୟ ଯୋଗାଇ ଦେଇଛନ୍ତି। କିନ୍ତୁ ଏହାର ସୁପରିଚାଳନା ପରିଲକ୍ଷିତ ହେଉନାହିଁ। ଫଳରେ ଗ୍ରାମାଞ୍ଚଳରେ କାଚ, ପ୍ଲାଷ୍ଟିକ, ଲୁହା, ପଲିଥିନ ଆଦି ଅଣଜୈବିକ ବିଘଟନଶୀଳ କଠିନ ବସ୍ତୁର ଖୋଲପା ରାସ୍ତାଘାଟ, ନାଳ ନର୍ଦ୍ଦମା, ଛକ ବଜାରରେ ବର୍ଷ ବର୍ଷ ଧରି ପଡ଼ି ରହୁଛି। କିଛି କିଛି ସ୍ଥାନରେ ଛୋଟ ଛୋଟ ପିଲା, ବୃଦ୍ଧବୃଦ୍ଧା ରାସ୍ତା କଡରେ ମଳ ତ୍ୟାଗ କରୁଥିବା ପରିଲକ୍ଷିତ ହେଉଛି। ବହୁ ଦିନ ଧରି ଏହା ପଡ଼ି ରହିବା ଫଳରେ ଦୁର୍ଗନ୍ଧ ହେବା ସହ ମଶା ମାଛିଙ୍କ ବଂଶ ବୃଦ୍ଧି ଘଟୁଛି। ଯଦ୍ୱାରା ଡେଙ୍ଗୁ ମେଲେରିଆ ଆଦି ଜ୍ୱର ହେଉଛି। ପରିବେଶ ଅପରିଷ୍କାର ହେବା ସହିତ ଏହା ଉପରେ କୁପ୍ରଭାବ ପଡୁଛି। ସରକାରଙ୍କ ଏହି କାର୍ଯ୍ୟକ୍ରମ ପ୍ରତି ଜନସାଧାରଣ ସଚେତନ ନାହାଁନ୍ତି। ଏପରିକି ଏ ବିଷୟରେ ପଚାରିଲେ କିଛି ଜାଣିନାହାଁନ୍ତି ବୋଲି କେତେକ ଲୋକ କୁହନ୍ତି। କେଉଁ ପଞ୍ଚାୟତରେ କେଉଁ ସ୍ଥାନରେ ଏହି ଆବର୍ଜନା କେନ୍ଦ୍ର ସ୍ଥାପନ ହୋଇଛି ଓ ଏହାର ପରିଚାଳନା କିପରି ଓ କିଏ କରୁଛି ତାହା ସାଧାରଣ ଲୋକଙ୍କୁ ଜଣାନାହିଁ। ଏଥିରୁ ପରିଲକ୍ଷିତ ହେଉଛି ଯେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ହେଉନାହିଁ। ଯଦି ସଚେତନତା ସୃଷ୍ଟି କରାଯାଆନ୍ତା, ତେବେ ପରିବେଶ ପରିଷ୍କାର ରହିବା ସହିତ ଲୋକମାନେ ସୁସ୍ଥ ଜୀବନଯାପନ କରିପାରନ୍ତେ। ଆଉ ମଧ୍ୟ କିଛି ପଞ୍ଚାୟତରେ ନିର୍ମାଣ ହୋଇଥିବା ଆବର୍ଜନା ଗୃହଗୁଡ଼ିକ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ଏହାର କାନ୍ଥ ଫାଟିଗଲାଣି। କେତେକ କେନ୍ଦ୍ର ଅସାମାଜିକଙ୍କ ଆଡ୍ଡା ସ୍ଥଳି ପାଲଟିବା ସହିତ ସନ୍ଧ୍ୟା ହେଲେ ନିଶାଡିଙ୍କ ଭିଡ଼ ଜମୁଛି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇ ଏହି ଆବର୍ଜନା କେନ୍ଦ୍ରଗୁଡିକୁ କାର୍ଯ୍ୟକ୍ଷମ କରାଇ ଲୋକଙ୍କ ମଧ୍ୟରେ ସଚେତନତା ଆଣିବାକୁ ସାଧାରଣରେ ଦାବି ହେଉଛି।

## ମୋଦିଙ୍କ ଯାଜପୁର ଗସ୍ତକୁ ଜିଲ୍ଲା କଂଗ୍ରେସର ବିରୋଧ

**ଯାଜପୁର, ୩।୩ (ସମିସ):** ଆସନ୍ତା ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯାଜପୁର ଗସ୍ତକୁ ନେଇ ଜିଲ୍ଲା କଂଗ୍ରେସ ପକ୍ଷରୁ ବିରୋଧ କରାଯିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ବିଗତ ଦିନରେ ମୋଦି ସରକାରକୁ ଆସିବା ପାଇଁ ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିନାହାନ୍ତି। ସମସ୍ତ କଳା ଧନକୁ ବିଦେଶରୁ ଆଣି ଭାରତ ବର୍ଷର ସମସ୍ତ ଜନସାଧାରଣଙ୍କୁ ୧୫ ଲକ୍ଷ ଟଙ୍କା ଦେବାର ପ୍ରତିଶ୍ରୁତି, ପ୍ରତିବର୍ଷ ୨ କୋଟି ବେକାର ଯୁବକ/ଯୁବତୀଙ୍କୁ ଚାକିରି ଦେବା, ପ୍ରତ୍ୟେକ ପରିବାରକୁ ଏକ ଭରି ସୁନା ୧୫ ହଜାର ମୂଲ୍ୟ ଦେବା, କୃଷିଜାତ ଦ୍ରବ୍ୟ ଓ ଧାନର ସହାୟକ ମୂଲ୍ୟ ବୃଦ୍ଧି ସହିତ କୃଷକଙ୍କ ଆୟ ଦୁଇଗୁଣ କରିବା ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ତାହାର ପ୍ରତିବାଦରେ ଜିଲ୍ଲା କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯାଜପୁର ଗସ୍ତକୁ ବିରୋଧ କରିବ କଂଗ୍ରେସ। ଏହି ବିରୋଧ କାର୍ଯ୍ୟକ୍ରମରେ ସମସ୍ତ କର୍ମୀ ଓ ନେତୃମଣ୍ଡଳୀ ସହଯୋଗ କରିବା ପାଇଁ ଯାଜପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଅନୁରୋଧ କରାଯାଇଛି।

## ଓଲଟିଲା ରାଜଧାନୀ ଅପେରା ଗାଡ଼ି; ୨ ଆହତ



**ଯାଜପୁର, ୩।୩(ସମିସ):** ଆଜି ଅପରାହ୍ନରେ ୨୦ ନମ୍ବର ଜାତୀୟ ରାଜପଥର ସଦର ଥାନା ଅନ୍ତର୍ଗତ ବରୁଆଁ ଛକ ନିକଟରେ ରାଜଧାନୀ ଅପେରା ପାର୍ଟିର ଚେୟାର୍ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଫଳରେ ୨ ଜଣ ଆହତ ହୋଇଥିବା ଜଣାପଡ଼ିଛି। ଖବର ପାଇ ସଦର ଥାନା ଭାରପ୍ରାପ୍ତ ଅଧିକାରୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିରେ ଥିବା ସମସ୍ତ ୫ ଜଣକୁ ଉଦ୍ଧାର କରି ଆହତ ହୋଇଥିବା ବ୍ୟକ୍ତିଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

## ବୃନ୍ଦାଦେଇପୁରରେ ରକ୍ତଦାନ ଶିବିର, ୫୩ ୟୁନିଟ୍ ସଂଗୃହୀତ

କବାଟବନ୍ଧ, ୩।୩ (ସମିସ) ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦାଦେଇପୁରସ୍ଥ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ ଆନୁକୂଲ୍ୟରେ ରକ୍ତଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଟକ କେନ୍ଦ୍ରୀୟ ରେଡକ୍ରସ ପକ୍ଷରୁ ବୃନ୍ଦାଦେଇପୁରସ୍ଥ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଧର୍ମଶାଳା ବ୍ଲକ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଉଦଘାଟନ କରିଥିଲେ। ବିଭିନ୍ନ ସ୍ଥାନରୁ ରକ୍ତଦାତା ଆସି ରକ୍ତଦାନ କରିଥିଲେ। ମୋଟ ୫୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ଅଧ୍ୟାପକ ମନୋଜ ଧୀର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ମଲିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାହ୍ନୁଚରଣ ସାହୁ, ସମାଜସେବୀ ପଦ୍ମନାଭ ଶତପଥୀ, ପ୍ରଦୀପ ଶତପଥୀ, ଅନୁଷ୍ଠାନର ସଭାପତି ଜୟଦେବ ଶତପଥୀ, ଉପସଭାପତି ନିର୍ମାଲ୍ୟ କୁମାର ପ୍ରଧାନ, ସମ୍ପାଦକ ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ସମସ୍ତ ସଦସ୍ୟସଦସ୍ୟା କାର୍ଯ୍ୟକ୍ରମକୁ ପରିଚାଳନା ଓ ସହଯୋଗ କରିଥିଲେ।



## ଜିଲ୍ଲାପାଳଙ୍କ ଦ୍ୱାରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପଲ୍ସ ପୋଲିଓ କାର୍ଯ୍ୟକ୍ରମ ଆରମ୍ଭ



**ଯାଜପୁର, ୩।୩(ସମିସ)**

ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲା ପରିଷଦ ସଭାପତି ନଳିନୀପ୍ରଭା ଯେନା ଓ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ରଙ୍କ ଦ୍ୱାରା ପଲ୍ସ ପୋଲିଓ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଆଜି ସକାଳ ୮ଟା ସମୟରେ ଉଭୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୦ରୁ ୫ ବର୍ଷର ଶିଶୁଙ୍କୁ ପଲ୍ସ ପୋଲିଓ ବୁନ୍ଦା ଖୁଆଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଜିଲ୍ଲାକୁ ପୋଲିଓ ମୁକ୍ତ କରିବା ଓ ଆଗାମୀ କାଲିର ଭବିଷ୍ୟତ ପିଢ଼ିକୁ ପୋଲିଓ ମୁକ୍ତ କରି ଶିଶୁଙ୍କ ସର୍ବାଙ୍ଗୀନ ଉନ୍ନତି ଓ ବିକାଶ କକ୍ଷେ ନିଯୁକ୍ତ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ନିଷ୍ଠାର ସହ ପୋଲିଓ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା।

ପିତାମାତା ୦ରୁ ୫ ବର୍ଷର ନିଜ ସନ୍ତାନଙ୍କୁ ଏହି ପୋଲିଓ ବୁନ୍ଦା ଖୁଆଇ ନିଜ ପିଲାମାନଙ୍କ ଭବିଷ୍ୟତ ସୁରକ୍ଷା କରିବାକୁ ଆହ୍ୱାନ ଦେଇଛନ୍ତି। ଏ ଅବସରରେ ସାଇ ଅର୍ଜିତାଙ୍କୁ ପ୍ରଥମେ ପୋଲିଓ ବୁନ୍ଦା ଖୁଆଇ ଆଜି ଶୁଭାରମ୍ଭ କରାଯାଇଛି। ଏହି ମହତ କାର୍ଯ୍ୟକ୍ରମରେ ରିପୋର୍ଟିଂ ୟୁନିଟ ୧୨, ଫଙ୍କସନାଲ ଆଇଏଲଆର ପଏଣ୍ଟ ୪୮, ସବ ସେଣ୍ଟର ୨୬୧, ପୋଲିଓ ବୁଥ ୮୪୬, ଟିମ୍ ମେମ୍ବର ୩୩୮୪, ସୁପରଭାଇଜର ୧୬୫, ଟ୍ରାଞ୍ଜିଟ ପଏଣ୍ଟ ୩୫ ଓ ମୋବାଇଲ ଟିମ ୨୧ ନିଯୁକ୍ତ କରାଯାଇଛି। ୧୮୦୯୩୮ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇବାକୁ ଲକ୍ଷ୍ୟଧାର୍ଯ୍ୟ ରଖାଯାଇଛି। ଆଜି ବୁଥମାନଙ୍କରେ ଶିଶୁଙ୍କୁ ପୋଲିଓ ବୁନ୍ଦା ଖାଇବାର ବ୍ୟବସ୍ଥା କରାଯାଇଥିଲାବେଳେ ଆସନ୍ତା ୪ ତାରିଖ ଓ ୫ ତାରିଖ ଘର ଘର ବୁଲି ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯିବ। ଆଜିର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶିବାଶିଷ ମହାରଣା, ଏଓ କ୍ଷୀରୋଦ କୁମାର ଦାଶ, ଡାକ୍ତର ଦେବରାଜ ହଂସଦା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସବିତା ଚ୍ୟାଉପଟ୍ଟନାୟକ, ଡିପିଏମ ବନବିହାରୀ ମିଶ୍ର, ସରୋଜ କୁମାର ଦାସ, ଡିଡିଏମ ମଧୁସ୍ମିତା ପାଢ଼ୀ, ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ସ୍ମୃତିଲତା ବିଶ୍ୱାଳ, ସହକାରୀ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ସଞ୍ଜୁଲତା ପଣ୍ଡା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ହରିଜନ ବୈଷ୍ଣବ ସମ୍ମିଳନୀ



**ପାଣିକୋଇଲି, ୩।୩(ସମିସ):** ହରିଜନ ବୈଷ୍ଣବ ସମ୍ପ୍ରଦାୟକୁ ରାଜ୍ୟ ସରକାର ଅନୁସୂଚିତ ଜାତି ତାଲିକାରେ ଅନ୍ତର୍ଭୁକ୍ତ କରିବା ଦାବି ନେଇ ପାଣିକୋଇଲିସ୍ଥ ଦାଣ୍ଡି ସାହି ନିକଟରେ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟ ଧୂମକେତୁ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ଆବାହକ କ୍ଷୀରୋଦ କୁମାର ଦାସ ସଭାର ଉଦ୍ଦେଶ୍ୟ, ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

ଉକ୍ତ ସଭାରେ କେନ୍ଦୁଝର ଜିଲ୍ଲାର ବରିଷ୍ଠ ସଦସ୍ୟ ରତ୍ନାକର ଦାସ ଓ ଯୁବ ସଦସ୍ୟ ନାରାୟଣ ଚନ୍ଦ୍ର ଦାସ, ଯାଜପୁର ଜିଲ୍ଲାର ବରିଷ୍ଠ ସଦସ୍ୟ ଘନଶ୍ୟାମ ଦାସ, କେଶବ ଚନ୍ଦ୍ର ଦାସ, ସୁରେନ୍ଦ୍ର କୁମାର ଦାସ, ରମାକାନ୍ତ ଦାସ, ଦିବାକର ଦାସ, ଭଦ୍ରକ ଜିଲ୍ଲାରୁ ମନ୍ମଥ କୁମାର ଦାସ, ବାଲେଶ୍ୱର ଜିଲ୍ଲାରୁ କାଳନ୍ଦୀ ଚରଣ ଦାସ, ବୃନ୍ଦବାନ ଦାସ, ଗଙ୍ଗାଧର ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏ ନେଇ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗକୁ ଦାବି ପତ୍ର ପ୍ରଦାନ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ସଦସ୍ୟ ନାରାୟଣ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସଭାରେ ଘନଶ୍ୟାମ ଦାସ, ଗଙ୍ଗାଧର ଦାସ, ମନ୍ମଥ ଦାସ, ବୃନ୍ଦାବନ ଦାସ, ରତ୍ନାକର ଦାସ, ଉପେନ୍ଦ୍ର ଦାସ, କାଳନ୍ଦୀ ଦାସ, କେଶବ ଦାସ, ଅଜୟ ପ୍ରସାଦ ଦାସ, ଅବିନାଶ ଦାସ, ସୁକାନ୍ତ ଦାସ, ଅଭୟ ଦାସ, ନରେନ୍ଦ୍ର ଦାସ, କପିଳ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ଜେଏନ୍ ଟାଟାଙ୍କ ଜୟନ୍ତୀ ପାଳିତ



**ଦାନଗଦି, ୩।୩ (ସମିସ):** ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍କେ) ପକ୍ଷରୁ ଜାମସେଟ୍‌ଜୀ ନୁସେରୱାନଜୀ ଟାଟାଙ୍କ ୧୮୫ତମ ଜୟନ୍ତୀ ରବିବାର ଦିନ କଳିଙ୍ଗନଗର କାରଖାନା ପରିସରରେ ପାଳିତ ହୋଇଯାଇଛି। ଇଞ୍ଜିନିୟରିଂ ଆଣ୍ଡ ପ୍ରୋଜେକ୍ଟସ ଟିମ୍ ପକ୍ଷରୁ ଆୟୋଜିତ ୫ କିଲୋମିଟର ଦୌଡ଼ ସହ ଦିନର ଶୁଭାରମ୍ଭ ହୋଇଥିଲା। ଟିଏସ୍କେର ଗ୍ରୀନ୍ ଟ୍ରାନ୍ସପୋର୍ଟ ଲଜିଷ୍ଟିକ୍ ପାର୍କ ନିକଟରୁ ଆରମ୍ଭ ହୋଇଥିବା ଏହି ଦୌଡ଼ରେ ବିଭିନ୍ନ ଭେଣ୍ଡର ପାର୍ଟନର ପକ୍ଷରୁ ୩୦୦ରୁ ଅଧିକ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ପରେ କର୍ମଚାରୀଙ୍କ ଦ୍ୱାରା ଏକ ପରେଡ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଯାହା ପ୍ରୋଜେକ୍ଟସ୍ ଅଫିସ୍‌ରୁ ଆରମ୍ଭ ହୋଇ ଟିଏସ୍କେ ସେଣ୍ଟରରେ ଶେଷ ହୋଇଥିଲା। ଯେଉଁଠାରେ ଟାଟା ଷ୍ଟିଲ୍ କଳିଙ୍ଗନଗରର ବରିଷ୍ଠ ଅଧିକାରୀ, ୟୁନିୟନ ଅଧିକାରୀଙ୍କ ସମେତ ଅନ୍ୟ କର୍ମଚାରୀ କମ୍ପାନୀର ପ୍ରତିଷ୍ଠାତା ଜେଏନ୍ ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏ ଅବସରରେ ଟାଟା ପରିବାରର ସଦସ୍ୟ, କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ପାଇଁ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ୍ ମ୍ୟାଚ୍ ସହ ଅନ୍ୟାନ୍ୟ କ୍ରୀଡ଼ା କାର୍ଯ୍ୟକ୍ରମ ରିହାବିଲିଟେସନ୍ କଲୋନୀ ଓ କମ୍ପାନୀର ହାଉସିଂ କଲୋନୀରେ ଆୟୋଜନ କରାଯାଇଥିଲା। ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ପକ୍ଷରୁ ଗ୍ରୀନ୍ ଟ୍ରାନ୍ସପୋର୍ଟ ପାର୍କରେ ଏକ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। ଯେଉଁଥିରେ ୨୮୩ ଠିକା ସଂସ୍ଥାଙ୍କ ଡ୍ରାଇଭର ଉପକୃତ ହୋଇଥିଲେ। ଏନ୍‌ଆଇଏନ୍‌ଏଲ୍‌ରେ କମ୍ପାନୀର ବରିଷ୍ଠ ଅଧିକାରୀ ଜେଏନ୍ ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଏହି ଦିବସ ପାଳନ କରାଯାଇଥିବାବେଳେ ଏହି ଅବସରରେ ଏନ୍‌ଆଇଏନ୍‌ଏଲ୍ ଟାଉନ୍‌ସିପ୍‌ରେ କର୍ମଚାରୀ ପିଲାଙ୍କ ପାଇଁ ଜେଏନ୍ ଟାଟାଙ୍କ ଜୀବନୀ ଉପରେ ଏକ କୁଇଜ୍ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା।

## କାଙ୍କଲାରେ ଜିଲ୍ଲାସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ପାଣିକୋଇଲି, ୩।୩(ସମିସ):** ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ଅଳତିରି କାଙ୍କଲା ଗ୍ରାମରେ ବାସୁଦେବ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ସପ୍ତମ ବାର୍ଷିକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଏହି ପ୍ରତିଯୋଗିତାରେ ୬ଟି ଦଳ ପିସିଆର କରେଣ୍ଟ ଏକାଦଶ, ରକି ରକ୍ଷ୍ଟାର, ରୋମି ରାଇଜିଂ ଷ୍ଟାର, ଅନୀଲ ୱାରିଅସ, ନନ୍ଦୁ ଚ୍ୟାଲେଞ୍ଜର୍ସ, ନବ ରାଇଟ ରାଇଡର ଅଂଶଗ୍ରହଣ କରିଛନ୍ତି। ତିନି ଦିନ ବ୍ୟାପି ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଥିବାବେଳେ ଅତିଥି ଭାବେ ଯୁବ ସମାଜସେବୀ ବନୋଜ କୁମାର ଜେନା ଓ ନିମାଇଁ ମଲ୍ଲିକ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ପିସିଆର କରେଣ୍ଟ ଏକାଦଶ ଓ ନବ ରାଇଟ ରାଇଡର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନବ ରାଇଟ ରାଇଡର୍ସ ଟସ ଜିତି ଫିଲ୍ଡିଂ କରିବାକୁ ନିଷ୍ପତି ନେବା ସହ ପିସିଆରକୁ ହରାଇ ବିଜୟୀ ହୋଇଥିଲା। ଆୟୋଜକ କମିଟି ପକ୍ଷରୁ ଶରତ, ରକିନ, ରମିନ, ରିଙ୍କୁ, ଅନୀଲ, ସୁଶାନ୍ତ, ମଦନ, ଲିପୁଆ, ବିକ୍କୁ, କାଳିଆ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

### ଅଖିଳଚକ୍ର ପକ୍ଷରୁ ବରିଷ୍ଠ ସମାଜ ଚିନ୍ତକଙ୍କୁ ସମ୍ବର୍ଦ୍ଧନା

# 'ସମଗ୍ର ବିଶ୍ୱରେ ମାନବୀୟ ସଂସ୍କୃତିର ବିଲୋପ ଘଟୁଛି'

**ବିଂଝାରପୁର, ୩।୩(ସମିସ)**



ସମଗ୍ର ବିଶ୍ୱରେ ସବୁ କ୍ଷେତ୍ରରେ ମାନବୀୟ ସଂସ୍କୃତିର ବିଲୋପ ଘଟୁଥିବାରୁ ହିଂସା, ଯୁଦ୍ଧ, ଅମାନବୀୟ କାର୍ଯ୍ୟ ଆଦି ସଂଗଠିତ ହେଉଛି ବୋଲି ଅତିଥିମାନେ ମତ ବ୍ୟକ୍ତ କରିଛନ୍ତି। ଅଖିଳଚକ୍ରର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଯାଜପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଆଲୋଚନାଚକ୍ର, ସମ୍ବର୍ଦ୍ଧନା ଆଦି କାର୍ଯ୍ୟକ୍ରମ କରାଯାଉଛି। ଏଥିପାଇଁ ଆଜି ସ୍ୱାମୀ ଶିବାନନ୍ଦ ସରସ୍ୱତୀ ଆଶ୍ରମରେ ମାନବୀୟ ସଂସ୍କୃତି ସମ୍ପର୍କରେ ଏକ ଆଲୋଚନାଚକ୍ର କବି ଡଃ ଭାଗ୍ୟଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରକୁ ମା' ଦିବ୍ୟ ସ୍ୱରୂପାନନ୍ଦଜୀ ସରସ୍ୱତୀ ଉଦଘାଟନ କରି ମାନବଙ୍କ ଶ୍ରେଷ୍ଠ ଲକ୍ଷଣ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବେ ଅଖିଳଚକ୍ରର ସମ୍ପାଦକ ହରେକୃଷ୍ଣ ପଣ୍ଡା ଯୋଗଦେଇ କହିଲେ, ସମଗ୍ର ବିଶ୍ୱରୁ ମାନବୀୟ ସଂସ୍କୃତିର ବିଲୋପ ଘଟିଛି। ସେଥିପାଇଁ ସବୁଠି ଅରାଜକତା, ଅନାଦର୍ଶ, ହତ୍ୟା, ହିଂସା ଆଦି ବୃଦ୍ଧି ପାଇବାରେ ଲାଗିଛି। ସ୍ୱାମୀ ଶିବାନନ୍ଦ ସରସ୍ୱତୀ ଯେଉଁ ଦିବ୍ୟ ଜୀବନର ଆଦର୍ଶ ଓ ଆଧ୍ୟାତ୍ମ ମାର୍ଗ ଦର୍ଶାଇ ଯାଇଛନ୍ତି, ତାହା ସମଗ୍ର ବିଶ୍ୱ ପାଇଁ ଅନୁସରଣୀୟ। ତାଙ୍କୁ ବିଶ୍ୱର ଗୁରୁ ଭାବେ ଅଭିହିତ କରାଯାଇଛି। ଅନୁଷ୍ଠାନର ଉପସଭାପତି ପୀତାମ୍ବର ସ୍ୱାଇଁ, ସହସମ୍ପାଦକ ଗୌରାଙ୍ଗ ସ୍ୱାଇଁ, ବାଇଧର ସେନାପତି, ଉମାକାନ୍ତ ବଳ, ଶିଶିର କୁମାର ସାମଲ ଭାରତୀୟ ସଂସ୍କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ଏ ଅବସରରେ ଏହି ଅଞ୍ଚଳର ବରିଷ୍ଠ ସମାଜସେବୀ ନାଗାର୍ଜ୍ଜୁନ ଜେନା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ସାମଲ, ଦିବ୍ୟ ଜୀବନ ସଂଘର ସଂଗଠକ ସଚ୍ଚିଦାନନ୍ଦ ଜେନା, ପ୍ରଧାନ ଶିକ୍ଷକ ଗଗନ ବିହାରୀ ଜେନା, ବରିଷ୍ଠ ସମାଜସେବୀ କୁମାର ମହାପାତ୍ରଙ୍କୁ ଅଖିଳଚକ୍ର ପକ୍ଷରୁ ବରିଷ୍ଠ ସମାଜ ଚିନ୍ତକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆରମ୍ଭରେ ନାମ ସଂକୀର୍ତ୍ତନ ଓ ଭଜନ ପରିବେଷଣ କରାଯାଇଥିଲା। ଶେଷରେ ଗୌରାଙ୍ଗ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଖପାଖ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

